୬ ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ ଭାରତୀୟ ହକି ଟିମ୍‌ର ଖେଳାଳି



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୩୫୦ ● ୧୭ ଜାନୁଆରୀ ୨୦୨୬, ଶନିବାର ● ଭୁବନେଶ୍ୱର ● Vol -32 ● Issue-350 ● 17th January 2026, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ଦଶନ୍ଧି ପୂରଣ କଲା ଷ୍ଟାର୍ଟଅପ୍ ଇଣ୍ଡିଆ

# ଯୁବପିଢ଼ି ଦେଶର ବାସ୍ତବ ସମସ୍ୟାର ସମାଧାନ କରୁଛନ୍ତି

**ନୂଆଦିଲ୍ଲୀ, ୧୬।୧**

ଷ୍ଟାର୍ଟଅପ୍ ଇଣ୍ଡିଆକୁ ଆଜି ଏକ ଦଶନ୍ଧି ପୂରଣ ହୋଇଛି। ୨୦୧୬ ଜାନୁଆରୀ ୧୬ରେ ଏହା ଆରମ୍ଭ ହୋଇଥିଲା। ଏହି ଅବସରରେ ଭାରତ ମଣ୍ଡପମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେଇ କହିଛନ୍ତି ଭାରତର ଯୁବପିଢ଼ି ଦେଶର ବାସ୍ତବ ସମସ୍ୟାର ସମାଧାନ କରୁଛନ୍ତି। ସେମାନଙ୍କର ସାହସ, ଆତ୍ମବିଶ୍ୱାସ ଏବଂ ନବସୃଜନ ଦେଶର ଭବିଷ୍ୟତକୁ ଗଢୁଛି।

୧୦ ବର୍ଷ ପୂର୍ବେ ଯାହା ଏକ ସରକାରୀ କାର୍ଯ୍ୟକ୍ରମ ଭାବେ ଆରମ୍ଭ ହୋଇଥିଲା ତାହା ଦେଶବ୍ୟାପୀ ଏକ ଆନ୍ଦୋଳନରେ ପରିଣତ ହୋଇଛି। ମାତ୍ର ୧୦ ବର୍ଷରେ ଷ୍ଟାର୍ଟଅପ୍ ଇଣ୍ଡିଆ ମିଶନ ଏକ ବିପ୍ଳବରେ ପରିଣତ ହୋଇଛି। ଭାରତରେ ବିଶ୍ୱର ତୃତୀୟ ବୃହତ୍ ଷ୍ଟାର୍ଟଅପ୍ ପରିସଂସ୍ଥାନ ସୃଷ୍ଟି ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।




ଏକ ଦଶନ୍ଧି ପୂର୍ବେ ଦେଶରେ ଷ୍ଟାର୍ଟଅପ୍ ସଂଖ୍ୟା ୫୦୦ରୁ କମ୍ ରହିଥିଲା। କିନ୍ତୁ ଆଜି ଏହା ୨ ଲକ୍ଷରୁ ଅଧିକ ହୋଇଛି। ୨୦୧୪ରେ ଭାରତରେ କେବଳ ୪ଟି ୟୁନିକର୍ଣ୍ଣ ଥିଲା। କିନ୍ତୁ ସଂପ୍ରତି ପ୍ରାୟ ୧୨୫ଟି ସକ୍ରିୟ ୟୁନିକର୍ଣ୍ଣ ରହିଛି। କେବଳ ୨୦୨୫ରେ ପାଖାପାଖି ୪୪ ହଜାର ନୂଆ ଷ୍ଟାର୍ଟଅପ୍ ପଞ୍ଜୀକୃତ ହୋଇଛି। ଭାରତରେ ଷ୍ଟାର୍ଟଅପ୍ ଇଣ୍ଡିଆ ଆରମ୍ଭ ହେବାଦିନଠାରୁ ଯେକୌଣସି ବର୍ଷରେ ଏହା ସର୍ବାଧିକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। *(ପୃଷ୍ଠା ୭ରେ)*

### ଷ୍ଟାର୍ଟଅପ୍ ଆମ ଯୁବପିଢ଼ିଙ୍କ ଆକାଂକ୍ଷାର ପ୍ରତିଫଳନ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୬।୧**
**ନ୍ୟୁଜ୍ ବ୍ୟୁରୋ**

ଆମ ଷ୍ଟାର୍ଟଅପଗୁଡ଼ିକ ରାଜ୍ୟର ଯୁବପିଢ଼ିଙ୍କ ଆକାଂକ୍ଷାର ପ୍ରତିଫଳନ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଜାତୀୟ ଷ୍ଟାର୍ଟଅପ୍ ଦିବସ ଅବସରରେ ସେ ଓଡ଼ିଶାର ସମସ୍ତ ନବସୃଜନକାରୀ ଓ ଉଦ୍ୟୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥି ସହିତ ସେ କହିଛନ୍ତି ଆମେ ଏଭଳି ଏକ ପରିବେଶ ସୃଷ୍ଟି କରିବା ଲାଗି ଉଦ୍ୟମ ଜାରି ରଖିବୁ ଯେଉଁଠାରେ ନବସୃଜନ ସମୃଦ୍ଧ ହେବ, ବ୍ୟବସାୟ ଆଗକୁ ବଢ଼ିବ ଏବଂ ସମସ୍ତଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଛନ୍ତି। ୨୦୧୬ଠାରୁ ପ୍ରତିବର୍ଷ ଜାନୁଆରୀ ୧୬କୁ ଜାତୀୟ ଷ୍ଟାର୍ଟଅପ୍ ଦିବସ *(ପୃଷ୍ଠା ୭ରେ)*

# ଭୁବନେଶ୍ୱରର ପ୍ରମୁଖ ଐତିହ୍ୟ ସ୍ଥଳୀଗୁଡ଼ିକର ସମ୍ବନ୍ୱିତ ବିକାଶ ଯୋଜନାର ସମୀକ୍ଷା

**ଭୁବନେଶ୍ୱର, ୧୬।୧**
**ନ୍ୟୁଜ୍ ବ୍ୟୁରୋ**

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଦିନ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେଦାରଗୌରୀ, ଖଣ୍ଡଗିରି, କପିଳେଶ୍ୱର ଓ ମୁକ୍ତେଶ୍ୱର ପରି ପ୍ରମୁଖ ଐତିହ୍ୟ ଓ ଧାର୍ମିକ ସ୍ଥଳୀଗୁଡ଼ିକର ସାମଗ୍ରିକ ବିକାଶ, ସୁରକ୍ଷା ଏବଂ ପର୍ଯ୍ୟଟନ ପରିଚାଳନା ନେଇ ବିସ୍ତୃତ ଆଲୋଚନା କରାଯାଇଛି ।

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ପର୍ଯ୍ୟଟନ ସ୍ଥଳିଗୁଡିକରେ ବ୍ୟାପକ ସ୍ୱଚ୍ଛତା ଓ ସଚେତନତା ଅଭିଯାନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଐତିହ୍ୟ ସୁରକ୍ଷା, ପର୍ଯ୍ୟଟନ ପ୍ରୋତ୍ସାହନ ଓ ପରିବେଶ ସୁରକ୍ଷା ଏକା ସାଥିରେ ଆଗେଇ ନିଆଯିବାର ଆବଶ୍ୟକତା ରହିଛି ବୋଲି ସେ ମତ ପ୍ରକାଶ କରିଛନ୍ତି। ବୈଠକରେ ମନ୍ଦିର ପରିସରରେ ବୈଜ୍ଞାନିକ ପଦ୍ଧତିରେ ବର୍ଜ୍ୟବସ୍ତୁ ପରିଚାଳନା, କୁଣ୍ଡ ଓ ଜଳାଶୟଗୁଡ଼ିକର ଡିସିଲିଂ ଓ ପୁନରୁଦ୍ଧାର, ଡ୍ରେନେଜ୍ ବ୍ୟବସ୍ଥାର ସୁଧାର, ଏବଂ ଜଳସ୍ରୋତର ରକ୍ଷଣାବେକ୍ଷଣ ଉପରେ




ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ମନ୍ଦିର ଟ୍ରଷ୍ଟ ଓ ସଂପୃକ୍ତ ସ୍ଥାନୀୟ ସଂସ୍ଥାଙ୍କ ଅଧୀନରେ ଡ୍ରେନେଜ୍, ପମ୍ପିଂ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ସ୍ଥାନ ପରିଦର୍ଶନ କରି ଏକ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା ସହ ଆବଶ୍ୟକ ବୈଷୟିକ ଦଳ ନିଯୁକ୍ତ କରିବାକୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ପର୍ଯ୍ୟଟନ ବିଭାଗ, ବିଏମସି , ଏଏସଆଇ, ଏଣ୍ଡାଓମେଣ୍ଟ ବିଭାଗ ଓ ସ୍ଥାନୀୟ ପ୍ରଶାସନ ମଧ୍ୟରେ ଘନିଷ୍ଠ ସମନ୍ୱୟ ରଖି ସ୍ୱଚ୍ଛତା, ଜଳର ଗୁଣବତ୍ତା ଏବଂ ସ୍ମାରକୀଗୁଡ଼ିକର ନିୟମିତ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଆବଶ୍ୟକ ଥିବା ସ୍ଥାନଗୁଡ଼ିକରେ ସଫେଇ ଓ ପମ୍ପିଂ କାର୍ଯ୍ୟ ପ୍ରାଥମିକତା ଭିତ୍ତିରେ କରାଯିବ। ପର୍ଯ୍ୟଟକମାନଙ୍କର ସୁଖଦ ଅନୁଭୂତି ପାଇଁ ପ୍ରଶିକ୍ଷିତ ଗାଇଡ୍ ନିଯୁକ୍ତି ମାଧ୍ୟମରେ ଐତିହ୍ୟ ଓ ସଂସ୍କୃତି ସମ୍ପର୍କିତ ସୂଚନା ପ୍ରଦାନ କରିବା, ସହିତ ଇଣ୍ଟରପ୍ରେଟେସନ୍ ସେଣ୍ଟରଗୁଡ଼ିକର ସୂଚାରୁରୂପେ ପରିଚାଳନା ଏବଂ ରାମ୍ପ ସହିତ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ଯାଜପୁର ଏଟିଏମ ଲୁଟ ଘଟଣାରେ ଚାରିଜଣଙ୍କୁ ଅଟକ, ପୁଲିସ ତଦନ୍ତ ଜାରି।
- ଭୁବନେଶ୍ୱରର ଖୋଲା ଡ୍ରେନ୍‌ରେ ପଡ଼ି ଆଉ ଜଣେ ମୃତ।
- କଟକରେ ବନ୍ଧୁକ ଦେଖାଇ ବ୍ୟବସାୟୀଙ୍କୁ ଲୁଟ।
- ଗଞ୍ଜାମରେ ଅବୈଧ ମଦ ଓ ଜୁଆ ବିରୋଧୀ ଚଢ଼ାଉ, ୩୪ଜଣ ଗିରଫ।
- ଗ୍ରାମବାସୀଙ୍କ ବ୍ୟାଙ୍କ ଖାତାକୁ ଅଚାନକ ଟଙ୍କା ଆସିବା ଘଟଣା ନେଇ ଚର୍ଚ୍ଚା।
- ହୋମଗାର୍ଡ ନିଯୁକ୍ତିରେ ଅନିୟମିତତା, ଉଚ୍ଚନ୍ୟାୟାଳୟର ନୋଟିସ।
- ଲିଙ୍ଗରାଜ ମନ୍ଦିର ନୀତି ବିବାଦ ତୀବ୍ର, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୋଧରେ ଅଭିଯୋଗ।
- ସୁନ୍ଦରଗଡ଼ରେ ଶିକ୍ଷାନୁଷ୍ଠାନ ବନ୍ଦ, ପୁଲିସ ସୁରକ୍ଷା କଡାକଡି।
- ଭାରତୀୟ ସେନାକୁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ କରିବା ଲକ୍ଷ୍ୟ।

# ପଶ୍ଚିମବଙ୍ଗରେ ନିପା ଭାଇରସ ଚିହ୍ନଟ ପରେ ଓଡ଼ିଶାରେ ହାଇଆଲର୍ଟ

**ଭୁବନେଶ୍ୱର, ୧୬।୧**
**ନ୍ୟୁଜ୍ ବ୍ୟୁରୋ**

ଦୁଇ ଦିନ ତଳେ ପଶ୍ଚିମବଙ୍ଗରେ ନିପା ଭାଇରସ୍‌ରେ ଆକ୍ରାନ୍ତ ଚିହ୍ନଟ ହେବା ପରେ ଓଡ଼ିଶାରେ ହାଇ ଆଲର୍ଟ ଜାରି ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ ତତ୍ପରତା ପ୍ରକାଶ ପାଇଛି। ଏହିପରିପ୍ରେକ୍ଷୀରେ ରାଜ୍ୟରେ ନିପା ଭାଇରସ ସମ୍ପର୍କିତ ସ୍ଥିତି ଓ ପ୍ରତିରୋଧମୂଳକ ପ୍ରସ୍ତୁତିକୁ ନେଇ ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ., ଜନସ୍ୱାସ୍ଥ୍ୟ



ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର , ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡାକ୍ତର ପ୍ରଦୀପ କୁମାର ଗୁରୁ, ମେଡିକାଲ୍ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ମିଶ୍ର ଉପସ୍ଥିତ ରହିଥିଲେ।

ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ ମହାଲିଙ୍ଗ କହିଛନ୍ତି ଯେ ପଶ୍ଚିମବଙ୍ଗରେ ନିପା ଭାଇରସ କେସ ଚିହ୍ନଟ ହେଲା ପରେ ଓଡିଶାରେ ପ୍ରତିରୋଧମୂଳକ ବୈଠକ କରାଯାଇଛି । ବର୍ତ୍ତମାନ କୌଣସି ନିପା ଭାଇରସର ସନ୍ଦିଗ୍ଧ କେସ ଚିହ୍ନଟ ହୋଇନାହିଁ । ରାଜ୍ୟ ସରକାର ସଂପୂର୍ଣ୍ଣ ସତର୍କତା ଅବଲମ୍ବନ *(ପୃଷ୍ଠା ୭ରେ)*

# ନବୀନଙ୍କୁ ଭେଟିଲେ ଅଖିଳେଶ

**ଭୁବନେଶ୍ୱର, ୧୬।୧**
**ନ୍ୟୁଜ୍ ବ୍ୟୁରୋ**

ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ଦଳର ସଭାପତି ଅଖିଳେଶ ଯାଦବ ଶୁକ୍ରବାର ଅପରାହ୍ନରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଉଭୟଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

ସମାଜବାଦୀ ପାର୍ଟିର ନେତା ଅଖିଳେଶ ଯାଦବ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଏହାକୁ ମିଶାଇ ସେ ତିନିଥର ଓଡିଶାକୁ ଆସିଛନ୍ତି। ପୂର୍ବରୁ ବିଜୁ



ପଟ୍ଟନାୟକଙ୍କ ଭଳି ସମାଜବାଦୀ ନେତାଙ୍କ ସହ ମିଶି ଆମେ କାର୍ଯ୍ୟ କରୁଥିଲୁ। ଏବେ ସାମାଜିକ ନ୍ୟାୟ ପାଇଁ ଆମର ଲଢେଇ ଆରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ବିରୋଧରେ ବି ଆମର ଆଭିମୁଖ୍ୟ ସ୍ପଷ୍ଟ ରହିଛି ବୋଲି ସେ କହିଛନ୍ତି।

## ଚାନ୍ଦିଲି ମେଗା ଜଳ ଯୋଗାଣ ପ୍ରକଳ୍ପ ଅଗଷ୍ଟ ସୁଦ୍ଧା ୧୫୯ ଗାଁରେ ପହଞ୍ଚିବ ପାଣି

**ନବରଙ୍ଗପୁର, ୧୬।୧**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ଅଗଷ୍ଟ ମାସ ସୁଦ୍ଧା ଚାନ୍ଦିଲି ମେଗା ଜଳ ଯୋଗାଣ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଇ ସଂପୃକ୍ତ ଅଞ୍ଚଳର ୧୫୯ଟି ଯାକ ଗାଁକୁ ପାଣି ପହଞ୍ଚାଇବାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ ତୁରନ୍ତ ଏହି ପ୍ରକଳ୍ପର କାମ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରକଳ୍ପ ଦ୍ୱାରା ନବରଙ୍ଗପୁର, ପାପଡାହାଣ୍ଡି ଏବଂ କୋଷାଗୁମୁଡା ବ୍ଲକର ୪୦ଟି ଗ୍ରାମପଞ୍ଚାୟତକୁ ପାଣି ଯୋଗାଣ ହେବ।

ଏକ ସ୍କିମେଟିକ୍ ଡାଇଗ୍ରାମ ସାହାଯ୍ୟରେ ମେଗା ପାଇପ୍ ଜଳ ଯୋଗାଣ ଯୋଜନାର ପରିସର ବିଷୟରେ ଅଧୀକ୍ଷଣ ଯନ୍ତ୍ରୀ ଇଂ. ପ୍ରତୀକ କୁମାର ରାଉତ ଜିଲ୍ଲାପାଳଙ୍କୁ ବିସ୍ତୃତ ଭାବରେ ଅବଗତ କରାଇଥିଲେ। ୬୫ ପ୍ରତିଶତ ଶ୍ରମିକରେ କାମ କଲେ ପ୍ରକଳ୍ପ କାମ ସରିବାକୁ ବହୁ ସମୟ ଲାଗିବ ବୋଲି କହିଥିଲେ। ଜିଲ୍ଲାପାଳ ଏ ସମ୍ପର୍କରେ ଅବଗତ ହେବା ପରେ ଶତପ୍ରତିଶତ ଶ୍ରମିକ ନିୟୋଜିତ କରି ପ୍ରକଳ୍ପ କାମ ଶୀଘ୍ର ସାରିବାକୁ ଠିକା ସଂସ୍ଥାର ପ୍ରତିନିଧିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜଳବିଶୋଧନାଗାରର ସମ୍ପୂର୍ଣ୍ଣ ପରିଷ୍କାର ଓ ପରିଚ୍ଛନ୍ନ ରହିବା ଦରକାର ବୋଲି ଜିଲ୍ଲାପାଳ କହିଥିଲେ।

ଏହା ପରେ ପାପଡାହାଣ୍ଡି ବଜାର ଅଞ୍ଚଳରେ ୟୁଟିଲିଟି କରିଡରର ଉପଲବ୍ଧତା ନଥିବାରୁ ଏବଂ କ୍ୟାରେଜୱେ ସହିତ ପାଇପଲାଇନ ବିଛାଇବା *(ପୃଷ୍ଠା ୭ରେ)*

# ଭେନେଜୁଏଲାର ନେତା ଟ୍ରମ୍ପଙ୍କୁ ପ୍ରଦାନ କଲେ ନୋବେଲ ପୁରସ୍କାର

**ୱାଶିଂଟନ, ୧୬।୧**

ହ୍ୱାଇଟ୍ ହାଉସରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଭେଟିଛନ୍ତି ଭେନେଜୁଏଲାର ବିରୋଧୀ ନେତା ମାରିଆ କୋରିନା ମାଚାଡୋ । ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କ ଅପହରଣ ପରେ ଏହା କୌଣସି ଭେନେଜୁଏଲାର ନେତାଙ୍କ ସହ ତାଙ୍କର ପ୍ରଥମ ମୁହାଁମୁହିଁ ସାକ୍ଷାତ ଥିଲା।

ବୈଠକ ପରେ ମାଚାଡୋ କହିଛନ୍ତି ଯେ ସେ ଟ୍ରମ୍ପଙ୍କୁ ତାଙ୍କର ନୋବେଲ ଶାନ୍ତି ପୁରସ୍କାର ପଦକ ପ୍ରଦାନ କରିଛନ୍ତି। ସେ କହିଛନ୍ତି, "ମୁଁ ଭାବୁଛି ଆଜି ଆମ ଭେନେଜୁଏଲାବାସୀଙ୍କ ପାଇଁ ଏକ ଐତିହାସିକ ଦିନ।" ବୈଠକ ପରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତାରେ ମାଚାଡୋ ଟ୍ରମ୍ପଙ୍କୁ ତାଙ୍କର ପୁରସ୍କାର ପ୍ରଦାନ କରିବା ବିଷୟରେ ଉଲ୍ଲେଖ କରିଥିଲେ, କିନ୍ତୁ ଅନ୍ୟ କୌଣସି ବିବରଣୀ ପ୍ରଦାନ



କରିନଥିଲେ। ଟ୍ରମ୍ପ୍ ପଦକ ଗ୍ରହଣ କରିଛନ୍ତି କି ନାହିଁ ତାହା ହ୍ୱାଇଟ୍ ହାଉସ୍ କହିନାହିଁ।

ହ୍ୱାଇଟ୍ ହାଉସ୍ ଛାଡିବା ପରେ ମାଚାଡୋ ବାହାରେ ସ୍ପାନିସ୍ ଭାଷାରେ ସମବେତ ସମର୍ଥକମାନଙ୍କୁ କହିଥିଲେ, "ଆମେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ବିଶ୍ୱାସ କରିପାରିବା।" ତଥାପି, ଟ୍ରମ୍ପ୍ ଏପର୍ଯ୍ୟନ୍ତ ଭେନେଜୁଏଲାର ନୂତନ ନେତା ଭାବରେ ମାଚାଡୋଙ୍କୁ ସମର୍ଥନ କରିନାହାଁନ୍ତି। ଏହା ବଦଳରେ, ସେ ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଡେଲସି ରୋଡ୍ରିଗେଜଙ୍କ ସହିତ କାମ କରୁଛନ୍ତି।

## ପୁଟିନଙ୍କ ହାତକୁ ଆସିଲା 'ଜଳ ରାକ୍ଷସ'

**ମସ୍କୋ, ୧୬।୧**

ବିଶ୍ୱର ସବୁଠାରୁ ଶକ୍ତିଶାଳୀ ସାମରିକ ବାହିନୀ ମଧ୍ୟରୁ ଅନ୍ୟତମ ରୁଷିଆ ଏହାର ସାମରିକ କ୍ଷମତାରେ ପୋସାଇଡନ ନାମକ ଏକ ଅସ୍ତ୍ର ଯୋଡିଛି। ଏହାକୁ 'ଡୁମସଡେ ଡ୍ରୋନ' ଏବଂ 'ସମୁଦ୍ର ରାକ୍ଷସ' ମଧ୍ୟ କୁହାଯାଏ। ଏହା କୌଣସି ସାଧାରଣ ଅସ୍ତ୍ର ନୁହେଁ, ବରଂ ଏହା ଏକ ପରମାଣୁ ପ୍ରଣାଳୀ ଯାହା ସମୁଦ୍ର ଭିତରୁ ବହୁଳ ଧ୍ୱଂସ ଘଟାଇବାରେ ସକ୍ଷମ।

ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ନିଜେ ସାର୍ବଜନୀନ ଭାବରେ ଏହି ଅସ୍ତ୍ରର ଶକ୍ତି ବିଷୟରେ ପ୍ରଚାର କରିଛନ୍ତି। ତାଙ୍କ କହିବା ଅନୁସାରେ, ପୋସାଇଡନ ପ୍ରଣାଳୀ ବର୍ତ୍ତମାନର ପ୍ରଯୁକ୍ତିବିଦ୍ୟା ସହିତ ଅସ୍ଥିର କିମ୍ବା ଅନାବୃତ୍ତ। ପୁଟିନ କହିଛନ୍ତି, ଏହି ଅସ୍ତ୍ର ରୁଷିଆର ରଣନୈତିକ *(ପୃଷ୍ଠା ୭ରେ)*

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୩୪୦(-୨୨)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୧୪୫ (-୨୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୭୫୫ (-୧୭)

### ରୁପା ଦର

ରୂପା – ପ୍ରତି ଗ୍ରାମ ୩୦୬ (-୪)

### ଏକାଳ ପଖାଳ



ଚିପ୍‌ସ ପିଲାଙ୍କୁ ଖୁଆଅନି ଜମା
ନେଇ ଯାଏ ସିଏ ପ୍ରାଣ
ଖେଳନା ଲୋଭରେ ପିଲା ଖାଉଖାଉ
ଗିଳି ଦେଉଥାନ୍ତି ଜାଣ
ପ୍ରତିବନ୍ଧ ଅଛି ପରା ଦୁଇଗୁଣ
ତଥାପି କେମିତି କମ୍ପାନୀ ବିକଇ
ଜାଣିଛନ୍ତି ସବୁ ରାଣ ।

# ପାକିସ୍ତାନ ବଦଳରେ ଭାରତୀୟ ଔଷଧକୁ ପସନ୍ଦ କରୁଛି ଆଫଗାନିସ୍ତାନ



**ନୂଆଦିଲ୍ଲୀ, ୧୬।୧**

ଫଜଲ ଆଫଗାନ ନାମକ ଜଣେ ଆଫଗାନିସ୍ତାନ ବ୍ଲଗର ଆଫଗାନିସ୍ତାନରେ କିଛି ଔଷଧ କିଣିବାର ଅଭିଜ୍ଞତା ବିଷୟରେ ଲେଖିଛନ୍ତି। ସେ ଲେଖିଛନ୍ତି ଯେ, ଯେତେବେଳେ ସେ ପାକିସ୍ତାନ ଓ ତୁର୍କୀରେ ନିର୍ମିତ ସାଧାରଣ ପାରାସିଟାମଲ୍ ଔଷଧ କିଣିବାକୁ ଚେଷ୍ଟା କରୁଥିଲେ। ଫାର୍ମାସିଷ୍ଟ ତାଙ୍କୁ ସୂଚନା ଦେଇଥିଲେ ଯେ ସେ ଏକ ଭାରତୀୟ ଫାର୍ମାସ୍ୟୁଟିକାଲ୍ କମ୍ପାନିରୁ ସମାନ ଟାବଲେଟ୍ ପାଇପାରିବେ ଯାହା ଅତି କମ୍‌ରେ ଚାରି ଗୁଣ ଶସ୍ତା ଓ ଅଧିକ ଭଲ ହେବ।

ସେ ତୁର୍କୀ ନିର୍ମିତ ପାରାସିଟାମଲ୍ ମାଗିଥିଲେ କାରଣ ସେ ଏହାର ଗୁଣବତ୍ତା ଉପରେ ବିଶ୍ୱାସ କରୁଥିଲେ। ୧୦ଟି ଟାବଲେଟର ପ୍ୟାକ୍ ପାଇଁ ୪୦ ଆଫଗାନୀ ଟଙ୍କା ଖର୍ଚ୍ଚ ହୁଏ। ତା'ପରେ ଦୋକାନୀ ତାଙ୍କୁ ଆଉ ଏକ ବିକଳ୍ପ ଦେଖାଇଲେ, ଯାହା ଭାରତରେ ନିର୍ମିତ। ଏହା ମାତ୍ର ୧୦ ଆଫଗାନୀ ମୂଲ୍ୟରେ ମିଳୁଥିଲା। ସେ ତାଙ୍କୁ ଏହା ମଧ୍ୟ କହିଥିଲେ ଯେ, ଭାରତୀୟ ଔଷଧ ଅନ୍ୟ ଔଷଧ ଅପେକ୍ଷା ଭଲ ଫଳାଫଳ ଦେଇଥାଏ। ମୂଲ୍ୟରେ ପ୍ରଲୋଭିତ ହୋଇ ସେ ସଙ୍ଗେ ସଙ୍ଗେ ଭାରତୀୟ ଟାବଲେଟ୍ କିଣିଲେ ଏବଂ ଦେଖିଲେ ଯେ ଏହା ତାଙ୍କ ମୁଣ୍ଡବିନ୍ଧାକୁ ଶୀଘ୍ର ଭଲ କଲା। ଏହା ପରେ ସେ ଆହୁରି କହିଛନ୍ତି, ଆଫଗାନିସ୍ତାନରେ ଭାରତୀୟ ଔଷଧ *(ପୃଷ୍ଠା ୭ରେ)*

# ପୁଣି ପାରଦ ତଳମୁହାଁ, ଅସହ୍ୟ ଥଣ୍ଡାରେ ଜନଜୀବନ ଅସ୍ତବ୍ୟସ୍ତ

**ଘୁ.ଉଦୟଗିରି, ୧୬।୧**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ସବୁଠାରୁ କମ୍ ତାପମାତ୍ରା ଏବଂ ଥଣ୍ଡାର ସହର ସହ ହାଡ଼ଭଙ୍ଗା ଶୀତରେ ଥରୁଛି ଓଡ଼ିଶାର ଦାର୍ଜିଲିଂ। କନ୍ଧମାଳ ଜିଲ୍ଲାର ଘୁମୁସର ଉଦୟଗିରି ସହିତ ଦାରିଙ୍ଗବାଡ଼ି, ଫୁଲବାଣୀ ଠାରୁ ମଧ୍ୟ କମ୍ ତାପମାତ୍ରା ସହ ପ୍ରବଳ ଶୀତ ଅନୁଭୂତ ଅଞ୍ଚଳ ଭାବେ ପାଣିପାଗ ବିଭାଗ ସୂଚନା ପ୍ରଦାନ କରିଛି। ରାଜ୍ୟ ପାଣିପାଗ ବିଭାଗର ସୂଚନା ଅନୁସାରେ ଶୁକ୍ରବାର ଘୁ.ଉଦୟଗିରିରେ ତାପମାତ୍ରା ୨.୬ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିବା ବେଳେ ଫୁଲବାଣୀ ୬.୧ ଡିଗ୍ରୀ ଓ ଦାରିଙ୍ଗବାଡ଼ିରେ ୯ ଡିଗ୍ରୀ ରେକର୍ଡ ହୋଇଛି। ପ୍ରବଳ ଥଣ୍ଡା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି।

ଓଡ଼ିଶାରେ ସବୁଠାରୁ କମ୍ ତାପମାତ୍ରା ଘୁ.ଉଦୟଗିରି ସହରରେ ରହିଛି। ସହର ଠାରୁ କିଛି ଦୂର ଆଭ୍ୟନ୍ତରୀଣ ଜଙ୍ଗଲ ପାହାଡ଼ ଘେରା ଦୁର୍ଗମ ଅଞ୍ଚଳ ମୁକୁଲିଙ୍ଗିଆ, ଡ଼ଡାପଡ଼ା, ଲଏରେଜୁ, ସିର୍କୀ, ଗୁନ୍ଦାବାଜୁ, ଲାବୋରି ପ୍ରଭୃତି ଅଞ୍ଚଳରେ ତାପମାତ୍ରା ପ୍ରାୟତଃ ୨ ଡିଗ୍ରୀ ରହୁଥିବା ନେଇ ଅନୁମାନ କରାଯାଉଛି। ପ୍ରବଳ ଶୀତ ସାଙ୍ଗକୁ ଜାଡ଼ ଯୋଗୁଁ ଲୋକେ ଘରୁ ବାହାରିବା କଷ୍ଟ ହେଉଛି। ବିଭିନ୍ନ ସଂଗଠନ ତଥା ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୭ ଜାନୁଆରୀ, ଶନିବାର ୨୦୨୬





# ଦାଉ ସାଧୁଛନ୍ତି ମିଲର : ସରକାରଙ୍କ ହସ୍ତକ୍ଷେପ ପରେ ବି ଉଠୁନି ଧାନ

**ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ**




ଧାନ ମଣ୍ଡିରେ ଅଚଳାବସ୍ଥା। ଧାନମଣ୍ଡି ଖୋଲାଯାଇଛି ସତ ହେଲେ ମିଲର ଧାନ ନେଉନି। ପୂର୍ବ ସରକାର ଅପେକ୍ଷା ଅଧିକ କଟ୍‌ନୀ ଛଟ୍‌ନୀ ହେଉଛି। ଏଭଳି ଅଭିଯୋଗ କରି ଛତ୍ରପୁର ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ହିଞ୍ଜିଳି ବ୍ଲକ ଅନ୍ତର୍ଗତ ଚାନ୍ଦୁଲି ପଞ୍ଚାୟତ ଖଣ୍ଡରା ଗ୍ରାମର ଶତାଧିକ ଚାଷୀ। ମିଲରମାନେ ଚାଷୀଙ୍କୁ ସହଯୋଗ କରିବା ବଦଳରେ ତାଙ୍କ ଉପରେ ଦାଉ ସାଧୁଛନ୍ତି। ବିନା କଟ୍‌ନୀ ଛଟ୍‌ନୀରେ ଧାନ କ୍ରୟ କରିବାକୁ ନିର୍ଦ୍ଦେଶ ରହିଥିବା ବେଳେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ପୂର୍ବ ସରକାର ଅପେକ୍ଷା ଏବେ ଅଧିକ କଟ୍‌ନୀ ଛଟ୍‌ନୀ ହେଉଛି ବୋଲି କହିଛନ୍ତି ବହୁ ଚାଷୀ। ସୂତା ଅଖାରେ ଆଣିଲେ ୭ କେଜି ଏବଂ ଜରି ଅଖାରେ ଆଣିଲେ ୧୦ କେଜି ଧାନ ଅଧିକ ଦେବାକୁ କୁହାଯାଉଛି। ନିୟମ ଠାରୁ ଅଧିକ ଧାନ ଦେଲେ ହିଁ ମିଲର ଚାଷୀଙ୍କ ଠାରୁ ଧାନ ନେବେ ବୋଲି କହୁଛନ୍ତି। ନଚେତ ନାହିଁ। ଏ ନେଇ ଚାଷୀମାନେ ହିଞ୍ଜିଳି ଏମଆଇଙ୍କୁ ଜଣାଇଥିଲେ ମଧ କୌଣସି କାର୍ଯ୍ୟକାରୀ ହୋଇନାହିଁ ବୋଲି ଗ୍ରାମର ଚାଷୀମାନେ ଅଭିଯୋଗ କରିଛନ୍ତି। ମିଲର ଏବଂ ଯୋଗାଣ ବିଭାଗର ସମନ୍ୱୟ ରହୁନି ଯାହାଫଳରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଅନ୍ୟପଟେ ଚାଷୀଙ୍କ ସମସ୍ତ ଧାନ ମଣ୍ଡିରେ କିପରି ସୁରୁଖୁରୁରେ କିଣାଯିବ ସେମାନଙ୍କ ସମସ୍ୟାର ଯଥାଶୀଘ୍ର ସମାଧାନ କରିବା ନିମନ୍ତେ ଚାଷୀମାନେ ଦାବି କରିଛନ୍ତି। ଏନେଇ ଏକ ଲିଖିତ ଦାବିପତ୍ର ଉପଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ନଚେତ ଆଗାମୀ ଦିନରେ ମଣ୍ଡି ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯିବ ବୋଲି ସେମାନେ କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ମଳୟ କୁମାର ଦାଶ, ହରିକୃଷ୍ଣ ମୁନି, ଗଙ୍ଗାରାମ ପଣ୍ଡାଙ୍କ ସମେତ ଶତାଧିକ ଚାଷୀ ମାନେ ଉପସ୍ଥିତ ଥିଲେ।

# କବିତା ବହି 'ସାରା ଆକାଶ ତୁମର' ଲୋକାର୍ପିତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ମହାନଦୀ ଓ ତେଲ ନଦୀର ପବିତ୍ର ସଂଗମସ୍ଥଳୀ ସ୍ୱର୍ଣ୍ଣ ପ୍ରୟାଗ ଘାଟରେ କବି ବିରଞ୍ଚି ନାରାୟଣ ଦରଓ୍ୱାନଙ୍କ ନବ ପ୍ରକାଶିତ କବିତା ବହି 'ସାରା ଆକାଶ ତୁମର' ର ଲୋକାର୍ପଣ ଉତ୍ସବ ଏକ ମନୋରମ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ପ୍ରକୃତିର ମାଧୁର୍ଯ୍ୟ ଓ କବିତାର ଆତ୍ମିକତା ମଧ୍ୟରେ ଏହି ସାହିତ୍ୟିକ କାର୍ଯ୍ୟକ୍ରମ ଶ୍ରୋତାଙ୍କୁ ଗଭୀର ଭାବନାରେ ମୁଗ୍ଧ କରିଥିଲା। କବି ବେଣୁଧର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ମୁକ୍ତାକାଶ କବିତା ଆସରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୧୨ଜଣ କବି 'ସାରା ଆକାଶ ତୁମର' କବିତା ସଂଗ୍ରହରୁ ଚୟନିତ କବିତା ଆବୃତ୍ତି କରି ସାହିତ୍ୟ ପ୍ରେମୀଙ୍କୁ ଆନନ୍ଦିତ କରିଥିଲେ। କବିତା ଆବୃତ୍ତିରେ ପ୍ରେମ, ପ୍ରକୃତି, ବିରହ ଓ ଅନ୍ତର୍ନିହିତ ଅନୁଭୂତିର ସ୍ପଷ୍ଟ ପ୍ରତିବିମ୍ବ ଦେଖିବାକୁ ମିଳିଥିଲା। ଉତ୍ସବରେ ନାଟ୍ୟଶ୍ରୀ ଗଦାଧର ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ କବି ବିରଞ୍ଚି ନାରାୟଣ ଦରଓ୍ୱାନଙ୍କ କବିତାରେ ପ୍ରେମ, ପ୍ରକୃତି ଓ ଶୂନ୍ୟତା ମଧ୍ୟରେ ଥିବା ପୂର୍ଣ୍ଣତାର ସୂକ୍ଷ୍ମ ଦର୍ଶନ ଦେଖାଯାଏ। ତାଙ୍କ କବିତା ସାଧାରଣ ଜୀବନ ଅନୁଭୂତିକୁ ଦାର୍ଶନିକ ଭାବରେ ପ୍ରକାଶ କରି ପାଠକଙ୍କୁ ଆତ୍ମସନ୍ଧାନର ପଥରେ ନେଇଯାଏ ବୋଲି ସେ ମତ ପ୍ରକାଶ କରିଥିଲେ। ଏହି ନିଆରା ସାରସ୍ୱତ ଆସରରେ କବି ରଞ୍ଜିତା ପଣ୍ଡା, ସସ୍ମିତା ମେହେର, ଆରତୀ ଖମାରୀ, ଶ୍ୟାମଓଁ ପ୍ରସାଦ ମିଶ୍ର, ପ୍ରଭୁଦତ୍ତ ରଥ, ଅମ୍ବୁଜ ବିହାରୀ ଶତପଥୀ, ଲକ୍ଷ୍ମୀ ନାରାୟଣ ସାହୁ,ପ୍ରଦ୍ୟୁମ୍ନ ସାହୁ କବିତା ଆବୃତ୍ତି କରିଥିଲେ। କବି ବିରଞ୍ଚି ନାରାୟଣ ଦରଓ୍ୱାନ ନିଜ ସୃଜନ ଜୀବନ ସଂପର୍କରେ କହିଥିବାବେଳେ ସାହିତ୍ୟିକ ଡ଼.ସୌରଭ ରଞ୍ଜନ ଖମାରୀ ଓ ଡ଼.ଦେବାଶିଷ ପଣ୍ଡିଆ ସାରା ଆକାଶ ତୁମର କବିତା ବହିର ସମୀକ୍ଷା କରି ସମସାମୟିକ ଓଡ଼ିଆ କାବ୍ୟ ସାହିତ୍ୟକୁ ଏ ବହି ସମୃଦ୍ଧ କରିବ ବୋଲି କହିଥିବା ବେଳେ କବିତା ସବୁରେ ସରଳ ଓ ତରଳ ଭାବ ଓ ରାବ ରହିଛି ବୋଲି ସମୀକ୍ଷାତ୍ମକ ଆଲୋଚନା କରିଥିଲେ। ପ୍ରକୃତିର କୋଳରେ ଅନୁଷ୍ଠିତ ଏହି କବିତା ଉତ୍ସବ ସୁବର୍ଣ୍ଣପୁର ଜିଲ୍ଲାର ସାହିତ୍ୟିକ ପରିବେଶକୁ ଆହୁରି ସମୃଦ୍ଧ କରିଥିବା ସହ କବିତା ପ୍ରେମୀମାନଙ୍କ ମଧ୍ୟରେ ଏକ ସ୍ମରଣୀୟ ଅନୁଭୂତି ସୃଷ୍ଟି କରିଥଲା।

# ନୀଳକଣ୍ଠେଶ୍ୱର ମନ୍ଦିରରେ ରୁଦ୍ରାଭିଷେକ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ବିଶ୍ୱ କଲ୍ୟାଣ ଓ ସମଗ୍ର ମାନବ ଜାତିର ଶାନ୍ତି ସହାବସ୍ଥାନ ନିମନ୍ତେ ପାତ୍ର ହସ୍ପିଟାଲ ତରଫରୁ ସ୍ଥାନୀୟ ଶ୍ରୀ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବ ପୀଠରେ ରୁଦ୍ରାଭିଷେକ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ହସ୍ପିଟାଲର ଅଧିକ୍ଷକ ଡାକ୍ତର ସଙ୍କର୍ଷଣ ପାତ୍ରଙ୍କ ସୌଜନ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡକ୍ଟର ସମରେନ୍ଦ୍ର ସାହୁ, ପ୍ରଭାକର ପାତ୍ର, ଭାସ୍ୱତୀ ପଣ୍ଡା, ପ୍ରିୟଙ୍କା ପାତ୍ର, ଭିଷ୍ମାଚାର୍ଯ୍ୟ ଚୌଧୁରୀ, ପ୍ରଶାନ୍ତ ମହାପାତ୍ରଙ୍କ ସମେତ ଅର୍ଜୁନ ହସ କ୍ଲବର ସମସ୍ତ ସଦସ୍ୟ ଓ ବହୁ ଶୈବ ଭକ୍ତ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପାତ୍ର ହସ୍ପିଟାଲର ମୁଖ୍ୟ ପରିଚାଳିକା ଜୟନ୍ତୀ ପାତ୍ର ଓ ଅନ୍ୟ କର୍ମକର୍ତ୍ତା ମାନେ ପରିଚାଳନା କରିଥିଲେ।

# ରୋଟାରୀ କ୍ଲବ୍ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା




**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ରୋଟାରୀ କ୍ଲବ୍ ଅଫ୍ ରାଉରକେଲା ଅର୍ବାନ ଦ୍ୱାରା ଆରସିସି ଗାଁ ବିରୁଆଲ ଠାରେ ଏକ ନିଶୁଳ୍କ ସମନ୍ୱିତ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ନିଃଶୁଳ୍କ ଡାକ୍ତରୀ ପରାମର୍ଶ, ରକ୍ତଚାପ ମାପ, ମଧୁମେହ ଟେଷ୍ଟ, ଓଜନ ମାପ, ଆଖି ପରୀକ୍ଷା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ପ୍ରାୟ ୬୫ ଜଣ ଗ୍ରାମବାସୀ ଏହି ଶିବିରରୁ ଲାଭାନ୍ୱିତ ହୋଇଥିଲେ। ରୋଟେରିଆନ୍ ଡା. କୁନାଲ ବୁର୍ମା ଓ ତାଙ୍କ ଆଖି ବିଭାଗ ଟିମ୍ ସଦସ୍ୟ ମିସ୍ ସୋନିଆ ସାହା ଓ ଦେସାଙ୍ଗି କୁଜୁର ଗୁରୁତ୍ୱପୂର୍ଣ୍ଣ ସେବା ପ୍ରଦାନ କରିଥିଲେ। ପ୍ୟାଥୋଲୋଜି ବିଭାଗକୁ ରୋଟେରିଆନ୍ ଅରୁଣ କୁମାର ସିଂହ ଓ ସନ୍ଧ୍ୟା ନିକିତା ବାରା ପରିଚାଳନା କରିଥିଲେ। ଅନ୍ୟାନ୍ୟ ଡାକ୍ତରୀ ପରାମର୍ଶ ଓ ଚିକିତ୍ସା ସେବା ଡା. ସମନ୍ତ କୁମାର ସାହୁ ନେତୃତ୍ୱ ଦେଇଥିଲେ। ଏହି ପ୍ରକଳ୍ପଟି କ୍ଲବ୍ ଅଧ୍ୟକ୍ଷ ରୋଟେରିଆନ୍ ଇଂ ଉଦିତ କୁମାର ସାହୁଙ୍କ ଯୋଜନା ଓ ପରିଚାଳନାରେ ସଫଳ ହୋଇଥିଲା। ଅନ୍ୟ ସଦସ୍ୟ ପ୍ରେସିଡେଣ୍ଟ ଇଲେକ୍ଟ ରୋଟାରିଆନ ଡି ମୋହନ ରାଓ, ଉପାଧ୍ୟକ୍ଷ ରୋଟାରିଆନ ମଞ୍ଜୁରାଣୀ ମେହେର, ରୋଟାରିଆନ ଡାକ୍ତର ପ୍ରଭାତ କୁମାର ମହାନ୍ତି, ରୋଟାରିଆନ ଅଶ୍ୱିନୀ ପାତ୍ର, ରୋଟାରିଆନ ଉଷାରାଣୀ ଦାସ, ରୋଟାରିଆନ ଦେବବ୍ରତ ନାୟକ, ରୋଟାରିଆନ ପ୍ରଦୀପ ଦାସ, ରୋଟାରିଆନ ବନାନୀ ଦାସ, ରୋଟାରିଆନ ପଦ୍ମିନୀ ସାହୁ, ମୀନା ମହାନ୍ତି, ସସ୍ମିତା ନାୟକ, ରୋଟ୍ରିଲେଟ୍ ହର୍ସିତା, ଗୋବିନ୍ଦ, ବିନାଦିନୀ ତାଣ୍ଡୀ ଓ ମୋନାରମା ମହାକୁଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଟ୍ରକ୍ ମାଲିକ ସଂଘର ସଡ଼କ ସୁରକ୍ଷା ଓ ଚକ୍ଷୁ ପରୀକ୍ଷା

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ଏକ ଚକ୍ଷୁ ଚିକିତ୍ସା ଶିବିର ଓ ସଡ଼କ ସୁରକ୍ଷା ସପ୍ତାହ ଆସନ୍ତା ୧୭ ତାରିଖ ଯାଜପୁର ରୋଡ ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଏହି ଶିବିର ପାଇଁ ଆଜି ରବିବାର ସକାଳ ୧୦ ଘଟିକା ସମୟରେ ଯାଜପୁର ରୋଡ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟରେ ସଭାପତି ଅମିୟ ରଞ୍ଜନ ବାରିକ୍ ଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ମୂଖ୍ୟତଃ ଡ୍ରାଇଭର ଭାଇ ଓ ଡ୍ରାଇଭିଂ କରୁଥିବା ଲୋକ ମାନଙ୍କର ଚକ୍ଷୁ ପରିକ୍ଷା କରାଯାଇ ଏହାର ନିରାକରଣ କରାଯିବ। ଏଣୁ ଯାଜପୁର ରୋଡ ଟ୍ରକ ମାଲିକ ସଙ୍ଘ କାର୍ଯ୍ୟାଳୟରେ ଡ୍ରାଇଭର ସଂଘ, ବ୍ୟାସନଗର, କୋରେଇ ଓ ଯାଜପୁର ରୋଡ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ଓ ସଭ୍ୟ ମାନଙ୍କୁ ଏକତ୍ରିତ କରି ଅନୁଷ୍ଠିତ ହୋଇଥିବା ପ୍ରସ୍ତୁତି ବୈଠକରେ ସହଯୋଗ ରେ ଏକ ଚକ୍ଷୁ ଚିକିତ୍ସା ଶିବିର କୁ ସଫଳ କରିବାକୁ ସମସ୍ତ ଉପସ୍ଥିତ ସଭ୍ୟମାନେ ମତ ଘୋଷଣା କରିଥିଲେ। ଶେଷରେ ଧନ୍ୟବାଦ ଦେଇ ସଭାଟିକୁ ସଂଗ କରାଯାଇ ଥିଲା। ଉକ୍ତ ବୈଠକ ରେ ସଂପାଦକ ଦିଲ୍ଲୀପ କୁମାର ମଲ୍ଲିକ,ଅଶୋକ କୁମାର ନାୟକ,. ପ୍ରଦ୍ୟୁମ୍ନ କୁମାର ବୋଇତାଇ. କିଶୋର ରାଉତ. ସମିର ପରିଡା. ସ୍ମୃତି ଘଡାଇ . ଅଶୋକ ସାହୁ.ସାହେବ୍ ଜାନ ବେଗ୍. ଅଲରାଜା ବେଗ୍. ଶ୍ରୀନିବାସ ଜେନା ଓ ଓଡ଼ିଶା ଡ୍ରାଇଭର ମହାସଂଘ ବ୍ୟାସନଗର ପକ୍ଷରୁ ସଭାପତି-ଜଗନ୍ନାଥ ସାହୁ. ଉପସଭାପତି-ସପନ ସିଙ୍ଗ୍. ଉପଦେଷ୍ଟା-ଶୁବାସ ବାରିକ୍ କୋରେଇ ବ୍ଲକ ସଭାପତି-ବାବୁଲି ମୃଦୁଲି.କୋଷାଦକ୍ଷ୍ୟ-ଶତ୍ରୁଘନ ପାଳ. ହରିହର ଦାସ ଓ ବହୁ ଟ୍ରକ ମାଲିକ ମାନେ ଉପସ୍ଥିତ ରହି ନିଜ ନିଜର ମତାମତ ରଖିଥିଲେ।

# ବିଭିନ୍ନ ଅଧିକାରୀଙ୍କୁ ନେଇ ଗ୍ରାମୋଦୟ ବୈଠକ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ ଠାରେ ଗ୍ରାମୋଦୟ ସମ୍ପର୍କିତ ଏକ ବୈଠକ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାର ଅନୁନ୍ନତ ଓ ଉପାନ୍ତ ଅଞ୍ଚଳ ବୌଦ୍ଧ ଜିଲ୍ଲା କାମାଖ ବ୍ଲକ ବରଗାଁ ଗ୍ରାମପାୟତର ୧୧ ଗୋଟି ଗ୍ରାମର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଉକ୍ତ ଗ୍ରାମ ଗୁଡିକରେ ବିଦ୍ୟୁତକରଣ, ପାନୀୟ ଜଳ, ବିଦ୍ୟାଳୟ ଓ ଅଙ୍ଗନୱାଡ଼ିର ଭିତିଭୂମି, ସ୍ୱାସ୍ଥ୍ୟସେବା, ରାସ୍ତାଘାଟର ସୁବିଧା, ଇରନେଟ, ମିନିବ୍ୟାଙ୍କ, ସମସ୍ତ ପ୍ରକାର ଭତ୍ତା, ରାସନ କାର୍ଡ, ଆଧାର କାର୍ଡ, କେୱାଇସି ଅପଡେଟ, ପଶୁ ସମ୍ପଦ ବିଭାଗ, କୃଷି ବିଭାଗ, ବିଦ୍ୟାଳୟ, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ସହ ସମସ୍ତ ବିଭାଗର ବିଭିନ୍ନ ପ୍ରକାର ସ୍କିମରେ ସେହି ୨୨ ଗୋଟି ଗ୍ରାମର ହିତାଧିକାରୀ କିପରି ଉପକୃତ ହୋଇ ପାରିବେ ଏଥିସହ ଅନ୍ୟାନ୍ୟ ଭିତିଭୂମି ଆଦିର ବିକାଶ ଉପରେ ଆଲୋଚନା ହୋଇଥିଲା।

# ବିଦ୍ୟାଳୟର ସମ୍ମାନ ବଢ଼ାଇବା ଓ ଆଦର୍ଶ ମଣିଷ ହେବାପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ କ୍ଲଷ୍ଟର ଅନ୍ତର୍ଗତ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ପଞ୍ଚାନନ କର୍ମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନରେନ୍ଦ୍ର କୁମାର ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ। ଛାତ୍ରୀମାନେ ଫୁଲତୋଡ଼ା, ଉତ୍ତରୀୟ ଓ ବ୍ୟାଚ ପ୍ରଦାନ ପୂର୍ବକ ସ୍ୱାଗତ ସଂଗୀତ ଗାନ କରି ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଭୀମଟିକିରାର ପ୍ରଧାନ ଶିକ୍ଷକ ବୀରେନ୍ଦ୍ର କୁମାର ସାହୁ ଯୋଗଦେଇ ବିଦ୍ୟାଳୟର ସମ୍ମାନ ବଢାଇବା ସହ ଆଦର୍ଶ ମଣିଷ ହେବା ପାଇଁ ଛାତ୍ରଛାତ୍ରୀମାନେ ପ୍ରଚେଷ୍ଟାରତ ରହିବାକୁ ପ୍ରେରଣା ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅବସର ପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଅନନ୍ତ ନାରାୟଣ ବନଛୋର ଯୋଗଦେଇ ଜୀବନରେ ସଫଳ ହେବା ପାଇଁ କଠୋର ପରିଶ୍ରମ ଓ ଅଧ୍ୟବସାୟର ମାର୍ଗ ଆପଣେଇବାକୁ ଛାତ୍ରଛାତ୍ରୀ ତତ୍ପର ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ବରିଷ୍ଠ ଶିକ୍ଷକ ଯୁଧିଷ୍ଠିର ରଣା ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶରେ ବାର୍ଷିକ ଉତ୍ସବର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷକ ପଞ୍ଚାନନ କର୍ମ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ବରିଷ୍ଠ କଳା ଶିକ୍ଷକ ଶଙ୍କରପ୍ରସାଦ ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଇଣ୍ଟର ହାଉସ ପ୍ରତିଯୋଗିତାରେ ଗଙ୍ଗା ହାଉସ ଶ୍ରେଷ୍ଠ ବିବେଚିତ ହୋଇଥିବା ବେଳେ ସମୀକ୍ଷା ରଣା ଶ୍ରେଷ୍ଠ ଶିକ୍ଷାର୍ଥୀ ଓ ପ୍ରବନ୍ଧ ଲିଖନରେ ପ୍ରଥମ ପୁରସ୍କାର, ଅଲିଭା ବରିହା ଶ୍ରେଷ୍ଠ ଉପସ୍ଥାନ, ଚିତ୍ରାଙ୍କନ ପ୍ରତିଯୋଗିତାରେ ନିବେଦିତା ତାଣ୍ଡିଆ ପ୍ରଥମ ପୁରସ୍କାର ପାଇଥିଲେ। ଶିକ୍ଷୟିତ୍ରୀ ପ୍ରମିତା ପଧାନ, ଅମୁଲ୍ୟ ଝାଙ୍କର, ସଂଯୁକ୍ତା ଭୋଇ ଓ ଶାରୀରିକ ଶିକ୍ଷା ଶିକ୍ଷକ ପ୍ରମୋଦ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଗୀତ, ନାଚ, ଅଭିନୟରେ ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ଅପରେସନ ସିନ୍ଦୁର ନୃତ୍ୟନାଟିକା ଦର୍ଶକଙ୍କ ମନ ମୋହିଥିଲା। ସୁବାସ ଭୋଇ, କିରଟି ନାଏକ ଓ ପାଚିକାମାନେ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ କଳାକାହ୍ନୁ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଚୌଦ୍ୱାର କଲେଜ ଇଂରାଜୀ ବିଭାଗର ସେମିନାର

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ମହାବିଦ୍ୟାଳୟ ଇଂରାଜୀ ବିଭାଗର ବାର୍ଷିକ ସେମିନାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମୀ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧ୍ୟାପକ ଡ. ସତ୍ୟାନନ୍ଦ ସ୍ୱାଇଁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପାଠଚକ୍ରର ବିଷୟବସ୍ତୁ 'ରି ଇମାଜିନିଂ ଇଣ୍ଡିଆନ ମିଥୋଲୋଜି ଆଣ୍ଡ ଟ୍ରାଡିସନ' ଉପରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଅଧାପକ ରଜନୀକାନ୍ତ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଯୁକ୍ତ ତିନି ବର୍ଷର ଛାତ୍ର ଅର୍ବାର ଅହମଦ ଖାଁ ଏବଂ ଦ୍ୱିତୀୟ ବର୍ଷର ଛାତ୍ରୀ ଶ୍ରୀୟା ଠାକୁରତା ସଭା ପରିଚାଳନା କରିଥିଲେ। ତୃତୀୟ ବର୍ଷର ଛାତ୍ରୀ ଚିନ୍ମୟୀ ମହାରଣା ବିଷୟ ଭିତ୍ତିକ ସନ୍ଦର୍ଭ ପାଠ କରିଥିଲେ। ଅଧାପିକା ଶୁଭସ୍ମିତା ଭୂୟାଁ ଓ ସୁଭଦର୍ଶିନୀ ପତ୍ରୀ ପରିଚାଳନାରେ ସହଯୋଗ କରିଥିବା ବେଳେ ଅଧାପିକା ଶିକ୍ଷାଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




# ଶ୍ରୀ ମା' ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ କୋଳର ପଞ୍ଚାୟତ ସ୍ଥିତ ଶ୍ରୀମା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଅଢ଼ାପଡି-କୋଳର-ଦଶମାଣକୁଳର ବାର୍ଷିକ ପୁରସ୍କାର ବିତରଣ ଓ ମୁଖପତ୍ର 'ସମାହାର' ଉନ୍ମୋଚନ ଉତ୍ସବ ବିଦ୍ୟାଳୟ ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ଼ା ନିମାଇଁ ଚରଣ ପରିଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ଆଇ.ଏଫ.ଏସ ନିମାଇଁ ଚରଣ ମହାନ୍ତି, ମୁଖ୍ୟବକ୍ତା ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ରୋଜୀ ରାୟ ଯୋଗ ଦେଇଥିଲେ। ଓଡ଼ିଆ ବିଭାଗ ଅଧାପିକା ରାଜଶ୍ରୀ ସ୍ୱାଇଁ ଅତିଥି ପରିଚୟ ଓ ବିଦ୍ୟାଳୟର ଅଧ୍ୟକ୍ଷା ମେଘମାଳା ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଉକ୍ତ ଉତ୍ସବ ପୂର୍ବତନ ପରିଚାଳନା କମିଟି ସଦସ୍ୟ ତ୍ରିଲୋଚନ ଆଚାର୍ଯ୍ୟ, ଗୋଲକ ବିହାରୀ ହୋତା, ଗୌରାଙ୍ଗ ଚରଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ କଳା ପରିବେଷଣ କରାଯାଇଥିଲା। କ୍ରୀଡ଼ାରେ କୃତୀ ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅଧାପକ ରବୀନ୍ଦ୍ର କୁମାର କାନୁନଗୋ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଜୁଆ ଆଡ୍ଡା ଉପରେ ଚଢ଼ଉ : ୨୬ ଗିରଫ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଅନ୍ତର୍ଗତ କରପଡା ନିକଟରେ ଚାଲିଥିବା ଏକ ବଡ ଧରଣର ଜୁଆ ଆଡ୍ଡା ଉପରେ ପୋଲିସ ଚଢଉ କରିଛି। ସେଠାରୁ ୨୬ ଜଣ ଜୁଆଡିଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ସହ ସେମାନଙ୍କ ଠାରୁ ନଅଲକ୍ଷ ପଚାଶ ହଜାର ଟଙ୍କା ଓ ଜୁଆଖେଳ ସାମଗ୍ରୀ ମଧ ଜବତ କରିଛି।

# ବିଭିନ୍ନ ସମସ୍ୟା ନେଇ ରାଜରାସ୍ତାକୁ ଓହ୍ଲାଇବେ ଚାଷୀ

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ଚାଷୀଙ୍କୁ ଠିକ ସମୟରେ ବିହନ ସାର୍ ଓ ଔଷଧ ମିଳୁ ନାହିଁ, ମଣ୍ଡିରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି ଏମିତି ଅଭିଯୋଗ ଆଣି ସମସ୍ୟାରେ ସମାଧାନ ନହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ଚାଷୀ। ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଦୋହେଲପଡ଼ା ଗ୍ରାମରେ ନବ ନିର୍ମାଣ କୃଷକ ସଂଗଠନ ନୂଆପଡ଼ା ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ସଂଗଠନର ଜିଲ୍ଲା ସଭାପତି କେଶବ ଚନ୍ଦ୍ର ବେହେରାଙ୍କ ସମେତ ଅନେକ ଚାଷୀ ଏଥିରେ ଯୋଗ ଦେଇଥିଲେ। ଚାଷୀମାନଙ୍କ ପ୍ରତି ସରକାର ବୈମାତୃକ ମନୋଭାବ ପ୍ରଦର୍ଶନ କରୁଥିବା ସେମାନେ ଅଭିଯୋଗ କରିଥିଲେ। ମଣ୍ଡିରେ କଟଣୀ ଛଟଣୀ ହେଉଥିବା, ଠିକ୍ ସମୟରେ ଟୋକନ୍ ଆସୁ ନଥିବା, ସୋନପୁର ଠାରେ ଚାଷୀ ମାନଙ୍କୁ ପୁଲିସ ଅତ୍ୟାଚାର କରୁଥିବା, ଜଣେ ବରିଷ୍ଠ ମନ୍ତ୍ରୀ ତାଚ୍ଛଲ୍ୟ କରିଥିବା ଆଦି ଅଭିଯୋଗ ଆଣି ସରକାର ଏ ଦିଗରେ ଦୃଷ୍ଟି ନଦେଲେ ସଂଗଠନ ତରଫରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଚାଷୀ ନେତ୍ରୀ ଅହଲ୍ୟା ପଟେଲ, ଚାଷୀ ରଞ୍ଜିତ ସିଂହ ମହାରଥା, ରତନ ମଣି କୋକଙ୍କ ସହ ଅନ୍ୟାନ୍ୟ ଚାଷୀ ଉପସ୍ଥିତ ଥିଲେ।

# କଳାକାର ଗଢିବାରେ ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



ସ୍ଥାନୀୟ ଗୋଲାପବାଗ ସ୍ଥିତ ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟସର ୩୬ତମ ବାର୍ଷିକୋତ୍ସବ ପାଳନ ସହିତ ସ୍କୁଲ ପରିସରରେ ଚାରିଦିନିଆ ଚିତ୍ର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଚିତ୍ର ମହୋତ୍ସବକୁ ବାରିପଦା ନଗରପାଳ କୃଷ୍ଣନନ୍ଦ ମହାନ୍ତି ଫିତା କାଟି ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆୟୋଜିତ ସମାରୋହରେ ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟସର ସଭାପତି ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବାରିପଦା ସଦର ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଏମପିସି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ନାରାୟଣ ପ୍ରସାଦ ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଡିଭାଇନର ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡ଼େଇ ଓ ବାରିପଦା ଉପ ନଗର ପାଳ ସୀମା ଦାସ ଯୋଗ ଦେଇ ଆମ ଜୀବନରେ ଚିତ୍ରର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥିମାନେ ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟସର ପ୍ରତିଷ୍ଠାତା ନିର୍ଦ୍ଦେଶକ ଶ୍ୟାମ ପ୍ରସାଦ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା ସହିତ ତାଙ୍କର ସ୍ମୃତି ଚାରଣ କରିଥିଲେ। ବାରିପଦାରେ କଳାତ୍ମକ ପରିବେଶ ସୃଷ୍ଟି ସହିତ କଳାକାର ଗଢିବାରେ ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟସର ଏକ ବିଶେଷ ଭୂମିକା ରହିଛି ବୋଲି ଅତିଥିମାନେ ସ୍ୱୀକାର କରିଥିଲେ। ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟସର ନିର୍ଦ୍ଦେଶିକା ପ୍ରଣତୀ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଚିତ୍ର ମହୋତ୍ସବରେ ୫୦୦ରୁ ଅଧିକ କୁନି କୁନି ଚିତ୍ରଶିଳ୍ପୀଙ୍କ ସୁନ୍ଦର ସୁନ୍ଦର ଚିତ୍ର ସ୍ଥାନ ପାଇଛି। ଯାହାକୁ ଦେଖି ଅତିଥିମାନେ ପ୍ରଶଂସାରେ ଶତମୁଖ ହୋଇ ଉଠିଥିବା ବେଳେ ଦର୍ଶକ ବେଶ୍ ଅଭିଭୂତ ହୋଇଛନ୍ତି। ଏହି ଅବସରରେ ବିଦ୍ୟାଳୟର କଳା ଶିକ୍ଷକ ଜ୍ୟୋତି ରଞ୍ଜନ ମହାପାତ୍ର, ସଞ୍ଜୟ କୁମାର ମାରାଣ୍ଡି, ରବି ସିଂ, ଲତାଶା ଦାସ, ସ୍ମୃତି ମହାନ୍ତି, ରଶ୍ମିତା ଦାସ, ଗୁଡ୍‌ଲି ମହାରଣା, ଅଲିଭା ଧଳ, ମାନସୀ ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ମୃତି ମହାନ୍ତି ଓ କାବ୍ୟାଞ୍ଜଳି ପାଢ଼ୀ କାର୍ଯ୍ୟକ୍ରମରେ ଉପସ୍ଥାପନା କରିଥିଲେ। ଚିତ୍ର ଉତ୍ସବକୁ ସଫଳ କରିବାରେ ଓମ୍ ପଟ୍ଟନାୟକ, ଜୟଶ୍ରୀ ଦାସ, ତରୁଣ କାନ୍ତି ବେହେରା, ପ୍ରିୟଦର୍ଶିନୀ ପଟ୍ଟନାୟକ, ମହାଶ୍ୱେତା ଜେନା ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।

# ଭାରୀଯାନ ଯୋଗୁଁ ମହତାବ ରୋଡ୍‌ରୁ ଛତ୍ରବଜାର ରାସ୍ତା ଜାମ୍ : ଲୋକେ ହଟହଟା

**କଟକ, ନ୍ୟୁଜ୍ ବ୍ୟୁରୋ**



ମହତାବ ରୋଡ୍‌ରୁ ଛତ୍ରବଜାର ଦେଇ ତାଳଦଣ୍ଡା କେନାଲ୍‌କୁ ସଂଯୋଗ କରୁଥିବା ରାସ୍ତା ସମ୍ପୂର୍ଣ୍ଣ ଜାମ୍ ହୋଇପଡୁଛି। ରାସ୍ତା ଉପରେ ୧୦ ଚକିଆ ଭାରୀଯାନ ଗାଡ଼ିକୁ ହଲଚଲ ହେଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ସେହିପରି ଓଏମ୍‌ପିରୁ ଯୋବ୍ରା ପର୍ଯ୍ୟନ୍ତ ତାଳଦଣ୍ଡା କେନାଲ୍ ରାସ୍ତା ଉପରେ ଭାରୀଯାନର କୌଣସି ନିୟନ୍ତ୍ରଣ ନାହିଁ। ଦିନରୁ ରାତି ଯାଏ ଅନ୍‌ଲୋଡିଂ ଚାଲୁଥିବା ବେଳେ ଟ୍ରାଫିକ ପୁଲିସ୍ କାହିଁକି ଚୁପ୍ ବସିଛି ? ସାଧାରଣଲୋକଙ୍କ ମଧ୍ୟରେ ଏ ପ୍ରଶ୍ନ ଉଠୁଥିବା ବେଳେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନି। ଅନ୍ୟପକ୍ଷରେ କଟକ ସହରର ଅନ୍ୟ ସ୍ଥାନରେ ଟ୍ରାଫିକ୍ ପୁଲିସ୍ ଲୁଚିଛପି ଫଟୋ ଉଠାଇବାରେ ବ୍ୟସ୍ତ ଥିବାର ଚିତ୍ର ମଧ ଦେଖିବାକୁ ମିଳୁଛି। ଏନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। କଟକ ସହରରେ ଟ୍ରାଫିକ୍ ସମସ୍ୟା ଏକ ପୁରୁଣା ଓ ଗମ୍ଭୀର ବିଷୟ। ଏ ସମସ୍ୟା ସମାଧାନ କରିବାକୁ କଟକ ସହରର ସଙ୍କୁଚିତ ରାସ୍ତାକୁ ଚଉଡ଼ା କରିବାକୁ ଗୋଟେ ପରେ ଗୋଟେ ରାସ୍ତାକୁ ନେଇ କାମ ହେଉଛି। ତାଳଦଣ୍ଡା କେନାଲ୍ ରାସ୍ତା ସମ୍ପ୍ରସାରଣ, ବକ୍ସଡ୍ରେନ୍ ରାସ୍ତା ସମ୍ପ୍ରସାରଣ ପ୍ରକଳ୍ପ କଟକ ସହରକୁ ନୂଆ ରୂପ ଦେଇଛି। କିନ୍ତୁ କେବଳ ରାସ୍ତା ସମ୍ପ୍ରସାରଣ କରିଦେଲେ ଯେ ସମସ୍ୟାର ସମାଧାନ ହେବ ଏବଂ ଭିଡ଼ରୁ ମୁକ୍ତି ମିଳିବ ତାହା ନୁହେଁ। ବରଂ ବ୍ୟବସ୍ଥିତ ଟ୍ରାଫିକ୍ ପରିଚାଳନା ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। କଟକ ସହରର ବିଭିନ୍ନ ସ୍ଥାନରେ ଟ୍ରାଫିକ୍ ପରିଚାଳନା ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ି ରହିଛି। ଅଧା ସ୍ଥାନରେ ଟ୍ରାଫିକ୍ ପୋଷ୍ଟ ନଥିବା ବେଳେ ଟ୍ରାଫିକ୍ ସିଗ୍ନାଲ୍ ପ୍ରାୟ ସ୍ଥାନରେ ଅଚଳ। ଏଭଳି ସ୍ଥିତିରେ ସହରର ପ୍ରମୁଖ ଅଞ୍ଚଳରେ ଟ୍ରାଫିକ୍ ପରିଚାଳନା ଏବଂ ଭାରୀଯାନ ରାସ୍ତା ଉପରେ ଢେର ସମୟ ଧରି ଛିଡ଼ା ହେବା ଗହଳିକୁ ବଢ଼ାଉଛି। ଲିଙ୍କ୍ ରୋଡ, ପ୍ରେସ୍ ଛକ, ମଧୁପଟଣା, ଓଏମ୍‌ପି, ବାଦାମବାଡ଼ି, ମଲାଚଣ୍ଡିଆ ଛକ, ଯୋବ୍ରାରୁ ତାଳଦଣ୍ଡା କେନାଲ୍ ରାସ୍ତା ଅଞ୍ଚଳରେ ଭାରିଯାନ ଅଟକିଯିବା ଦ୍ୱାରା ରାସ୍ତା ଆହୁରି ସଂକୀର୍ଣ୍ଣ ହୋଇଯାଉଛି। ସରକାରୀ ଓ ପ୍ରଶାସନିକ ପଦକ୍ଷେପ ଦିଗରେ ଦୃଷ୍ଟି ଦେଲେ କଟକର ଟ୍ରାଫିକ୍ ସମସ୍ୟା କମାଇବା ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ କାମ ଚାଲିଛି। ଖାନନଗର ନିକଟରେ ନୂଆ ରାସ୍ତା ନିର୍ମାଣ ଜାରି ରହିଥିବା ବେଳେ ଏହା ପ୍ରେସ୍ ଛକ ଓ ମଧୁପଟଣାର ଭିଡ଼ କମାଇବ ବୋଲି ଆଶା କରାଯାଉଛି। ସେପଟେ ରିଙ୍ଗରୋଡ୍ ଯୋଜନାରେ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅଞ୍ଚଳ ପାଇଁ ୬୪୫ କିଲୋମିଟର ରିଙ୍ଗରୋଡ୍ ନେଟଓ୍ୱର୍କ ଯୋଜନା ଘୋଷଣା ହୋଇଛି। ଏହା ଭାରୀଯାନକୁ ସହର ଭିତରୁ ଦୂରେଇ ରଖିବ। ଅନ୍ୟପକ୍ଷରେ କଟକ ସହରରେ ପାର୍କିଂ ବ୍ୟବସ୍ଥା ବି ଏତେ ପ୍ରଭାବଶାଳୀ ନୁହେଁ। ଅନ୍ୟ ସହର ଭଳି ମଲ୍ଟିଲେଭଲ ପାର୍କିଂ କରିବାକୁ ଦୀର୍ଘ ଦିନ ଧରି ସହରବାସୀ ଦାବି କରୁଥିବା ବେଳେ ବିଶେଷଜ୍ଞମାନେ ମଧ ପରାମର୍ଶ ଦେଉଛନ୍ତି। କିନ୍ତୁ ଏବେ ଯାଏ ଏଭଳି କୌଣସି ପଦକ୍ଷେପ ନିଆଯାଇନାହିଁ। କଟକ ଛତ୍ରବଜାର ଓ ମାଲଗୋଦାମ ଭଳି ଦୁଇ ପୁରାତନ ମଣ୍ଡି ସହ ଚୌଧୁରୀବଜାର, ନନ୍ଦିସାହି, ପିଠାପୁର ଭଳି ହୋଲସେଲ୍ ମାର୍କେଟ୍ ପାଇଁ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ଟ୍ରକ୍ ମାଲ୍ ନେଇ ଆସିଥାନ୍ତି। କିନ୍ତୁ ଗାଡ଼ି ରଖିବାର ବ୍ୟବସ୍ଥା ନାହିଁ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ପ୍ରଶାସନ କଟକଣା ଲଗାଇଥିଲା। ବିଳମ୍ବିତ ରାତିରୁ ସକାଳ ଭିତରେ ମାଲ୍ ଅନ୍‌ଲୋଡିଂ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିଛି ଦିନ ଏହି ନିୟମ ମାନିଥିଲେ ବି ପରେ ପୁଣି ପୂର୍ବଭଳି ଦିନରୁ ରାତି ଯାଏ ଭାରୀଯାନ ଏ ସବୁ ଅଞ୍ଚଳରେ ଟ୍ରାଫିକ୍ ସ୍ଥିତିକୁ ଅଣାୟତ୍ତ କରୁଛି।

ପ୍ରଭାତୀୟ
31 YEARS
ସମ୍ବାଦ କଳିକା

# ଭାରତୀୟ ଜନତା ପାର୍ଟିର ମୁମ୍ବାଇ ଦଖଲ ! କାହାକୁ ମିଳିବ କ୍ରେଡିଟ୍ ?

ବିଜେପିର ଭିକ୍ଟ୍ରିରେ ରହିବ ହିଷ୍ଟ୍ରି। ମହାରାଷ୍ଟ୍ର ବିଏମସି ନିର୍ବାଚନରେ ବିଜେପିକୁ ପ୍ରଚଣ୍ଡ ବହୁମତ ମିଳୁଛି। ଚାଲିଛି ଭୋଟ୍ ଗଣତି। ଭାରତୀୟ ଜନତା ପାର୍ଟିର ହେବ ମହାରାଷ୍ଟ୍ରର ସବୁଠୁ ଧନୀ ଆସନ। ମୁମ୍ବାଇ ଦଖଲ କରିବ ବିଜେପି। ଏବେ ସୁଦ୍ଧା ୨୨୭ ଆସନରୁ ୧୫୮ଟି ସିଟ୍ ର ଫଳାଫଳ ସାମ୍ନାକୁ ଆସିଛି। ୬୫ ସିଟ୍ ରେ ଏକାକୀ ବିଜେପି ଆଗୁଆ ଅଛି। ସେହିପରି ୧୮ଟି ସିଟ୍ ରେ ସହଯୋଗୀ ଏକନାଥ ସିନ୍ଦେଙ୍କ ଶିବସେନା ଆଗୁଆ ଚାଲିଛି। ସେପଟେ ଉଦ୍ଧବ ସେନା ୫୨ଟି ଆସନରେ ଆଗରେ ଅଛି। ସବୁ ସହରରେ ବିଜେପିର ଲହର। ନାଗପୁରରେ ବିଜେପିକୁ ସବୁଠୁ ଅଧିକ ଭୋଟ୍ ମିଳିଛି। ୧୫୧ ୱାର୍ଡର ୯୪ ୱାର୍ଡରେ ବିଜେପି ଆଗୁଆ ଅଛି। ବିଜେପି ଏକାକୀ ସେଞ୍ଚୁରୀ ପାର୍ କରିବ ବୋଲି ଅନୁମାନ କରାଯାଉଛି। ସେହିପରି ପୁଣେରେ ବିଜେପି ୪୭ ଆସନରେ ଆଗୁଆ ଅଛି। ଅନ୍ୟ ସବୁ ଦଳ ୨୨ଟି ଆସନରେ ଆଗୁଆ ଅଛନ୍ତି। ଅଜିତ ପାୱାର ଓ ଶରତ ପାୱାର ମିଶି ବିଜେପି ଠାରୁ ପଛରେ ପଡ଼ିଛନ୍ତି। ଏହି ନିର୍ବାଚନ ଠାକରେ ବ୍ରଦର୍ସଙ୍କ ପାଇଁ ଅସ୍ତିତ୍ୱର ଲଢେଇ ଥିଲା। ବର୍ତ୍ତମାନର ଟ୍ରେଣ୍ଡ୍ ଦେଖିଲେ ଠାକରେ ବ୍ରଦର୍ସ ଏହି ଲଢେଇ ହାରିବେ ବୋଲି ସ୍ପଷ୍ଟ ଅନୁମାନ କରାଯାଉଛି। ଏବେ ୨୦୨୯ ନିର୍ବାଚନ ଉଦ୍ଧବ ସେନା ପାଇଁ ଆହୁରି କଠିନ ହେବ। ଦେବେନ୍ଦ୍ର ଫଡନବୀସଙ୍କ ବ୍ରାଣ୍ଡ୍ ଆହୁରି ମଜବୁତ ହେବ। ଏହା ନକାରାତ୍ମକ ରାଜନୀତି କରୁଥିବା ଲୋକଙ୍କୁ କଡ଼ା ଜବାବ । ବିପୁଳ ଜନାଦେଶ ପାଇଁ ବିଜେପି ରାଜ୍ୟସଭା ସାଂସଦ ତଥା ପାର୍ଟି ପ୍ରବକ୍ତା ସୁଧାଂଶୁ ତ୍ରିବେଦୀ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି ଯେ, ପ୍ରଥମେ ଆମକୁ ବିହାରରେ ସଫଳତା ମିଳିଲା। ଏହାପରେ କେରଳରେ ସଫଳତା ମିଳିଲା। ଏବେ ମହାରାଷ୍ଟ୍ର ନଗର ନିଗମ ନିର୍ବାଚନରେ ଅଭୁତପୂର୍ବ ସଫଳତା ମିଳିଲା। ଯାହାକି ଭବିଷ୍ୟତ ପାଇଁ ଏକ ଶୁଭ ସଙ୍କେତ ଦେଉଛି। ନକାରାତ୍ମକ ରାଜନୀତି କରୁଥିବା ଲୋକଙ୍କୁ ରାଜ୍ୟବାସୀ କଡ଼ା ଜବାବ ଦେଇଛନ୍ତି। ସେ ମରାଠିରେ କହିଛନ୍ତି ଯେ, 'ଜୟ-ଜୟ ମହାରାଷ୍ଟ୍ର ମାଝା। ଆଜି ମହାରାଷ୍ଟ୍ରର ଜନତା ଆମକୁ ଯେଉଁ ସମର୍ଥନ ଦେଲେ ଏଥିପାଇଁ ବିନମ୍ର ଭାବେ କୃତଜ୍ଞତା ଜଣାଉଛି। ଏହା ଛତ୍ରପତି ଶିବାଜୀ ମହାରାଜଙ୍କ ମାଟି... ଯେମିତି ଶିବାଜୀଙ୍କ ଚତୁରଙ୍ଗିଣୀ ସେନା ମନରେ ଉର୍ଜା ନେଇ ଆଗକୁ ବଢୁଥିଲେ, ସେମିତି କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମହାରାଷ୍ଟ୍ରରେ ଦେବେନ୍ଦ୍ର ଫଡନବୀସଙ୍କ ନେତୃତ୍ୱରେ ବିଜେପି ଆଗକୁ ବଢିବ। '

ରାହୁଲ ଗାନ୍ଧୀଙ୍କୁ ତରୁଣ ଚୁଘଙ୍କ ଟାର୍ଗେଟ୍ ସେପଟେ ବିଜେପି ମହାସଚିବ ତରୁଣ ଚୁଘ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି ଯେ, 'ଭାରତର ଜନତା ଖୁବ୍ ବୁଦ୍ଧିମାନ। ରାହୁଲ ଜୀ ଆଇନା ସଫା କରନ୍ତୁନି। ଆଇନା ସଫା କରିଦେଲେ ମୁହଁରେ ଲାଗିଥିବା କାଳିମା ଲିଭିବ ନାହିଁ। ଆପଣ ବିଫଳତାର ଦୋଷ ଆଉ କାହା ମୁଣ୍ଡ ଉପରେ ମାଡ଼ିବାକୁ ଚେଷ୍ଟା କରୁଛନ୍ତି। ହେଲେ ଆପଣଙ୍କ କଳା କାରନାମା ଯୋଗୁଁ ଦେଶ ଏବଂ ମହାରାଷ୍ଟ୍ରର ଜନତା ଭୋଟ୍‌ରେ ଜବାବ ଦେଇଛନ୍ତି। ୨୦୧୪ ମେ ୨୬ରୁ ବିଜେପିର ଏହି ବିଜୟ ଯାତ୍ରା ଆରମ୍ଭ ହୋଇଛି।

# ବଧୂ ବିଦେଶିନୀ-୪୭

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୬୭. ମୋର ଓ ଉଦୟନଙ୍କ ଯବଦ୍ୱୀପରେ ପ୍ରଥମ ଦୁଇ ଦଶନ୍ଧି



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

ମୋ ଜ୍ୟେଷ୍ଠପିତା ଆମ୍ଭ ଏଠାରେ ରାଜପଦ ପରିତ୍ୟାଗ କରି, ମୋ ପିତାମାତା ଓ ଅନ୍ୟମାନଙ୍କ ସହ ସୁମାତ୍ରା ଦ୍ୱୀପର ଶ୍ରୀବିଜୟ ରାଜ୍ୟ ଯାଇ ସେଠାରେ ଶରଣ ନେଇ ରହିବା ସମୟର ଦୁଃଖଦ ପରିସ୍ଥିତି ମୁଁ ଓ ମୋ ପତି ଉଦୟନଙ୍କୁ ଅତୀବ ମନକଷ୍ଟ ଦେଇଥିଲେ ମଧ୍ୟ ତତ୍‌ପରବର୍ତ୍ତୀ କାଳରେ ଜ୍ୟେଷ୍ଠପିତା ବିନା ଦ୍ୱନ୍ଦ୍ୱରେ ଶ୍ରୀବିଜୟ ସିଂହାସନ ଲାଭ କରି ଆମ୍ଭ ଶୈଳେନ୍ଦ୍ର ରାଜବଂଶ ଶାସନକୁ ଅବ୍ୟାହତ ରଖିବା ଆମ୍ଭ ମନରେ ଥିବା ସମସ୍ତ କଷ୍ଟକୁ ଦୂରୀଭୂତ କରିଥିଲା । ଏହା ଆମ୍ଭମାନଙ୍କ ପାଇଁ ଆନନ୍ଦର ବିଷୟ ଯେ ଜ୍ୟେଷ୍ଠପିତା ରାଜ୍ୟ ତ୍ୟାଗ (୮୫୦ ଖ୍ରୀ.ଅ.) ସମୟରୁ ବର୍ତ୍ତମାନ ସମୟକୁ ୪୦ ବର୍ଷରୁ ଊର୍ଦ୍ଧ୍ୱ ବିତି ଯାଇଥିଲେ ମଧ୍ୟ, ଆମ୍ଭ ବଂଶର ଏହି ଶାସନ ଅଦ୍ୟାବଧି ଅବ୍ୟାହତ ରହିଅଛି ଓ ଆଶା ଏହା ଅନେକ ବର୍ଷ ପର୍ଯ୍ୟନ୍ତ ଏପରି ତିଷ୍ଠି ରହିଥିବ । ଏହା କହିଲା ପରେ ଆମ୍ଭର ଏଠାକାର ଶିକ୍ଷା କ୍ଷେତ୍ରରେ ଜୀବନଯାତ୍ରା ଆଗାମୀ ଦୁଇ ଦଶନ୍ଧି (୨୦ ବର୍ଷ) ପର୍ଯ୍ୟନ୍ତ କିପରି ଥିଲା ସେ ବିଷୟରେ ସଂକ୍ଷେପ ଆଲୋକପାତ କରୁଅଛି ।

ଆମ୍ଭେ ବିଦ୍ୟାପୀଠରେ ଯୋଗଦାନ କରିବାରଠାରୁ ଦୁଇ ବର୍ଷ ସେଠାକାର ଶିକ୍ଷା ପରିଚାଳନା ପାଇଁ ସମସ୍ତ ଭିତ୍ତିଭୂମି ସ୍ଥାପନ କରିବା ଅଭିପ୍ରାୟରେ ଅଧକ୍ଷ ଆଚାର୍ଯ୍ୟ ଆର୍ଯ୍ୟଦତ୍ତଙ୍କ ତତ୍ତ୍ୱାବଧାନରେ ଯେଉଁସବୁ କାର୍ଯ୍ୟ କରିବାରେ ଦିନରାତି ଉଦ୍ୟମ କରିଥିଲୁ, ସେ ବିଷୟରେ ପୂର୍ବରୁ ସୂଚନା ଦେଇଅଛି । ତେଣୁ ସେ ସମସ୍ତ ବିଷୟରେ ଆଉ କିଛି କହୁନାହିଁ । ଏପରି ଏକ ନୂତନ ମହାବିଦ୍ୟାପୀଠକୁ ସ୍ଥାପନା କରିବାକୁ ଆମ୍ଭଙ୍କୁ ଅନ୍ୟୂନ ୫ବର୍ଷ ଲାଗିଗଲା ।

ତା'ପରେ ଦିନେ ମୋ ପତି ଉଦୟନ ମତେ କହିଲେ, "ପ୍ରିୟେ , ଆମ୍ଭ ବିଦ୍ୟାପୀଠର ସୁଦୃଢ ଭିତ୍ତିଭୂମି ପ୍ରାୟତଃ ହୋଇଗଲା । ଏହା ପରେ ଆମ୍ଭଙ୍କୁ ଶିକ୍ଷାର ପ୍ରଗତି ପାଇଁ ଆଉ କିଛି କରିବାକୁ ହେବ।'' ମୁଁ ଆନନ୍ଦିତ ହୋଇ କହିଲି, "ପ୍ରିୟ, ମୁଁ ସେ ବିଷୟ ବହୁ ଦିନ ହେଲା ଭାବୁଅଛି, ବୋଧ ହୁଏ ତୁମ୍ଭେ ଘରୋଇ ଭାବେ ମଞ୍ଜୁଳିକା ପରି ବିଦ୍ୟାଳୟ ସ୍ଥାପନ ବିଷୟ କହୁଅଛ।'' ଉଦୟନ ଆଗଭର ହୋଇ କହିଲେ, "ସତ୍ୟ ପ୍ରିୟେ, ଆମ୍ଭ ଦୁଇ ଜଣଙ୍କ ଏ ଚିନ୍ତାଧାରା ଏକ ହୋଇଥିବାରୁ ଆମ୍ଭର ଏ ଦିଗରେ ପ୍ରଚେଷ୍ଟା ଆଶୁ ଫଳବତୀ ହେବ।''

ତା'ପରେ ଆମ୍ଭେ ଦୁହେଁ ମିଶି ଏ ଦିଗରେ କ'ଣ ସବୁ କରାଯିବ ଚିନ୍ତା କରି ଏକ ସଂକ୍ଷେପ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିଲୁ ଓ ତଦନୁଯାୟୀ ଆଚାର୍ଯ୍ୟଙ୍କ ପାଖକୁ ପରାମର୍ଶ ନେବାକୁ ଗଲୁ । ଆଚାର୍ଯ୍ୟ ଆନନ୍ଦ ପ୍ରକାଶ କରି କହିଲେ, "ତୁମ୍ଭମାନଙ୍କ ପରି କର୍ମଠ ଯୁବକଯୁବତୀ ଏହି କାର୍ଯ୍ୟରେ ନିଶ୍ଚୟ କୃତକାର୍ଯ୍ୟ ହେବେ । ଏହାଦ୍ୱାରା ଏ ପ୍ରକାର ଘରୋଇ ପ୍ରଚେଷ୍ଟା ପ୍ରଭୂତ ଶିକ୍ଷା ପ୍ରସାରଣ ନିମିତ୍ତ ସୁବିଧାଜନକ ହୋଇପାରିବ । ଅଗ୍ରସର ହୁଅ । ମୋର ଆଶୀର୍ବାଦ ଓ ସହଯୋଗ ସର୍ବଦା ତୁମ୍ଭ ସହିତ ରହିଅଛି ।'' ପ୍ରଣାମ କରି ଗୃହକୁ ଗଲୁ ।

ତତ୍‌ପରେ ଆମ୍ଭେ ପିୟୁସୀ ମା' ମହାରାଣୀ ପ୍ରମୋଦବର୍ଦ୍ଧିନୀଙ୍କ ପାଖକୁ ଗଲୁ । ଉଦୟନ କହିଲେ, "ପିୟୁସୀ ମା', ଆଜି ଆମ୍ଭେ ଏକ ବିଶେଷ କାର୍ଯ୍ୟରେ ତୁମ୍ଭ ପାଖକୁ ଆସିଛୁ।'' ପିୟୁସୀ ମା' "କୁହ'' ବୋଲନ୍ତେ ଉଦୟନ କହିଲେ, "ପୁଷ୍ପଗିରିଠାରେ ଆଚାର୍ଯ୍ୟ କଲ୍ଲୋଳା ଓ ସୁହାସୀଙ୍କ ପ୍ରୋତ୍ସାହନରେ ଶ୍ରେଷ୍ଠୀ ପୁଣ୍ଡରିକଙ୍କ କନ୍ୟା ମଞ୍ଜୁଳିକା ନିଜ ଶ୍ୱଶୁରଙ୍କ ସାହାଯ୍ୟରେ ଅନେକ ବିଦ୍ୟାଳୟ ସ୍ଥାପନ କରି ଶିକ୍ଷାର ପ୍ରଗତି କରାଇଛନ୍ତି । ଆମ୍ଭେ ତାହାର ଆଧାରରେ ଆଉ କିଛି ଅଧିକତର ଭାବେ ପ୍ରଥମେ ଆମ୍ଭ ରାଜ୍ୟ ଓ ପରେ ସମଗ୍ର ଯବଦ୍ୱୀପପାଇଁ କରିବାକୁ ଚାହୁଁଛୁ।'' ପିୟୁସୀ ମା' ହର୍ଷ ପ୍ରକାଶ କରି "ଅତି ଉତ୍ତମ । ମତେ କ'ଣ କରିବାକୁ ହେବ ? '' ବୋଲି କହିଲେ। ମୁଁ କହିଲି, "ପିୟୁସୀ ମା', ମଞ୍ଜୁଳିକାର ଶ୍ୱଶୁର ହେଉଛନ୍ତି ଶ୍ରେଷ୍ଠୀ ସୋମନାଥ ଯେ କି ପୁଷ୍ପଗିରିରେ ଆମ୍ଭର ତତ୍ତ୍ୱାବଧାରକ ଥିଲେ ।'' ପିୟୁସୀ ଆଶ୍ଚର୍ଯ୍ୟ ପ୍ରକାଶ କରି କହିଲେ , "ଏ ତ ଏକ ଅଦ୍ଭୁତ ସଂଯୋଗ । ତୁ ସେ ମଞ୍ଜୁଳିକାକୁ ଏଠାକୁ ଆସିବାକୁ କହ । ମୁଁ ତାକୁ ଦେଖିବାକୁ ଚାହୁଁଛି । ଅତି ଉତ୍ତମ କାର୍ଯ୍ୟ ସେ କରୁଛି ଓ ତୁମ୍ଭେ ଦ୍ୱୟ ମଧ୍ୟ ଏଠାରେ ସେପରି କରିବ । ''

ମୁଁ ତତ୍‌କ୍ଷଣାତ କହିଲି, "ନିଶ୍ଚୟ ପିୟୁସୀ ମା', ମୁଁ ମଞ୍ଜୁଳାକୁ ପତ୍ର ଲେଖୁଛି । ସେ ସୁବିଧା ଦେଖି ନିଶ୍ଚୟ ଆସିବ । ସୁହାସୀ ମଧ୍ୟ ମଞ୍ଜୁଳା ସହ ମିଶି କରି ଏ କାର୍ଯ୍ୟ କରୁଛି । ସ୍ୱାଧୀନ ଭାବେ ମଧ୍ୟ ସେ ନିଜ ପତିଙ୍କ ସହ ମିଶି କିଛି ବିଦ୍ୟାଳୟ ଚଳାଉଛି । କିନ୍ତୁ ସେମାନଙ୍କ ଅଗ୍ରଗତି ଦ୍ରୁତତର ହୋଇନପାରିବାର କାରଣ ହେଉଛି ଯେ, ଶାସନତନ୍ତ୍ର ତଥା ଆଞ୍ଚଳିକ ଧନୀକବର୍ଗଙ୍କ ବିଶେଷ ସହଯୋଗ ନାହିଁ । କିନ୍ତୁ ତୁମ୍ଭର ଆଶୀର୍ବାଦରେ ଆମ୍ଭେ ଏଠାରେ ଅତି ଉତ୍କୃଷ୍ଟ ଓ ବ୍ୟାପକ ଭାବେ ଶିକ୍ଷାପ୍ରସାର କରିପାରିବୁ ।'' ପିୟୁସୀ ମା' ଆଶ୍ୱାସନା ଦେଲେ, "ସେ ଚିନ୍ତା କରନାହିଁ । ଶୀଘ୍ରତାରେ ଆଗଭର ହୋଇ ଚାଲ ।'' ତା' ପରେ ଉଦୟନ ଓ ମୁଁ ମିଳି ଶିକ୍ଷା ପ୍ରସାରର କାର୍ଯ୍ୟପନ୍ଥା କ'ଣ ହେବ, ସେ ବିଷୟରେ ଆମ୍ଭେ ଏକ ପରେ ଏକ କହିଚାଲିଲୁ। ପିୟୁସୀ ମା' ଆମକୁ ବିରତି ଦେଇ କହିଲେ, "ମୁଁ ସବୁ ବୁଝିଗଲି । ତୁମ୍ଭେଦ୍ୱୟ ଆମ୍ଭର ଶିକ୍ଷା ବିଭାଗ ଦାୟିତ୍ୱରେ ଥିବା ଅମାତ୍ୟଙ୍କୁ ସାକ୍ଷାତ କର । ମୁଁ ତାଙ୍କୁ ନିର୍ଦ୍ଦେଶ ଦେଇଦେଉଛି । ସବୁର ସମାଧାନ ହୋଇଯିବ।'' ଆମ୍ଭେ ଆଭାର ପ୍ରକଟ କରି ବିଦାୟ ନେଲୁ ।

ଆମ୍ଭେଦୁହେଁ "ମହାରାଣୀ ପ୍ରମୋଦବର୍ଦ୍ଧନୀ ଶିକ୍ଷା ବିସ୍ତାର ସଂସ୍ଥା'' ନାମକ ଏକ ସଂସ୍ଥା ଗଠନ କରି କାର୍ଯ୍ୟ ଆରମ୍ଭ କରିଦେଲୁ। ଆମ୍ଭ ବିଦ୍ୟାପୀଠରୁ ଉତ୍ତୀର୍ଣ୍ଣ ହେଉଥିବା ବିଭିନ୍ନ ଗ୍ରାମର ବିଦ୍ୟାର୍ଥୀମାନଙ୍କୁ ଆମ୍ଭେ ଉତ୍ସାହିତ କରି ସେମାନଙ୍କ ଗ୍ରାମରେ ବିଦ୍ୟାଳୟମାନ ସ୍ଥାପନ କଲୁ । ପ୍ରତ୍ୟେକ ବିଦ୍ୟାଳୟ ଆମ୍ଭ ସଂସ୍ଥାର ଶାଖା ଭାବେ କାର୍ଯ୍ୟ କଲେ । ଆମ୍ଭେ ସେ ଗ୍ରାମମାନଙ୍କୁ ଯାଇ ସ୍ଥାନୀୟ ପରିଚାଳନା ସମିତି ଗଠନ କଲୁ । ରାଜ୍ୟ ଶାସନ ଦେଉଥିବା ଅନୁଦାନ ଓ ସ୍ଥାନୀୟ ବ୍ୟକ୍ତିମାନଙ୍କ ଦାନରେ ସମସ୍ତ ବିଦ୍ୟାଳୟ ପରିଚାଳିତ ହେଲା। ଆମ୍ଭ ମହାବିଦ୍ୟାପୀଠର ଛାତ୍ରଛାତ୍ରୀମାନେ ଶିକ୍ଷକତା କରି ଜୀବିକା ନିର୍ବାହ କରିବାର ସୁଯୋଗ ପାଉଥିବାରୁ ଉଚ୍ଚଶିକ୍ଷା ପ୍ରତି ବାଳକବାଳିକାଙ୍କର ଆଗ୍ରହ ବଢିଲା । ମହାରାଣୀ ଓ ମୁଁ ଅନେକଙ୍କପାଇଁ ଆଦର୍ଶ ହୋଇଯାଇଥିବାରୁ, ନାରୀ ଶିକ୍ଷା ମଧ୍ୟ ପ୍ରସାରିତ ହେବାକୁ ଲାଗିଲା। ଏଥିପାଇଁ ବିଶେଷତଃ ଉଦୟନଙ୍କୁ ଭିନ୍ନ ସ୍ଥାନକୁ ଯିବାକୁ ପଡୁଥିଲା । ମୁଖ୍ୟତଃ ଉଦୟନଙ୍କ ଅଦମ୍ୟ ଉଦ୍ୟମ, ଆଚାର୍ଯ୍ୟଙ୍କ ମାର୍ଗଦର୍ଶନ ଓ ଅନ୍ୟ ସମସ୍ତଙ୍କ ସହଯୋଗ ଯବଦ୍ୱୀପରେ ଅଭୂତପୂର୍ବ ଶିକ୍ଷାବିସ୍ତାର ସଂଘଟିତ ହୋଇପାରିଲା।

ଉଚ୍ଚ ଶିକ୍ଷା ବିଷୟ କହିଲେ ଆମ୍ଭ ମହାବିଦ୍ୟାଳୟରେ ଆଚାର୍ଯ୍ୟ, ମୁଁ ଓ ଉଦୟନ ପ୍ରଥମ ଉଚ୍ଚଶିକ୍ଷା ଅଧ୍ୟାପନା କାର୍ଯ୍ୟ ଆରମ୍ଭ କରିଥିଲୁ । ଫଳତଃ ପ୍ରଥମେ ଉତ୍ତର ମଧ୍ୟମା ଓ ଶାସ୍ତ୍ରୀ ପାଠ୍ୟକ୍ରମର ଶିକ୍ଷାଦାନ କରାଗଲା। ତା'ପରେ ଦଶବର୍ଷପରେ ଶିକ୍ଷାକ୍ଷେତ୍ରର ସର୍ବୋଚ୍ଚ ଶିକ୍ଷା ''ଆଚାର୍ଯ୍ୟ'' ପାଠ୍ୟକ୍ରମ ଆରମ୍ଭ କରାଗଲା । ଆମ୍ଭେ ଦୁହେଁ ଆଚାର୍ଯ୍ୟଙ୍କ ଅଧୀନରେ ପ୍ରଥମ ଅଧ୍ୟାପକ ଓ ଅଧ୍ୟାପିକା ଥିଲୁ । ପରେ ଅନ୍ୟ ଅଧ୍ୟାପକମାନେ ଏକ ବର୍ଷ ପରଠାରୁ କ୍ରମାଗତ ଭାବେ ନିଯୁକ୍ତି ପ୍ରାପ୍ତ ହେଲେ। ତେଣୁ ଏ କ୍ଷେତ୍ରରେ ଆମ୍ଭର ବରିଷ୍ଠତା ସମସ୍ତଙ୍କଠାରୁ ଅଧିକ ଥିଲା। ଶିକ୍ଷକର ପରିଚିତି ତା'ର କାର୍ଯ୍ୟଦକ୍ଷତା ଓ ଅନୁଭୂତିର ପରିମାଣରୁ ସମାଜରେ ଜ୍ଞାତ ହୋଇଥାଏ । ତେଣୁ ଆମ୍ଭକୁ ବରିଷ୍ଠ, ଅତିବରିଷ୍ଠ ଆଦି ଯେଉଁଭଳି ପଦବୀ ଦିଆଯିବା, ଆମ୍ଭପାଇଁ ସେତେ କିଛି ମହତ୍ତ୍ୱ ରଖେ ନାହିଁ । ଏ ସମସ୍ତ ଥିଲା ଆମ୍ଭ ଦ୍ୱୟଙ୍କ ଉପଲବ୍ଧି ଏବଂ ସେଥିଯୋଗୁଁ ଯବଦ୍ୱୀପର ସମସ୍ତ ରାଜ୍ୟରେ ତଥା ବିଦେଶରେ ଆମ୍ଭର ଖ୍ୟାତି ରହିଥିଲା । ଏପରି ଭାବେ ୨୦ବର୍ଷରୁ ଅଧିକ ଆମ୍ଭର କାର୍ଯ୍ୟକାଳ ଅତିବାହିତ ହୋଇଗଲା।

ଏ ସବୁ ଗଲା ଆମ୍ଭର ଉପଲବ୍ଧି ଓ ପରିସ୍ଥିତି ଯବଦେଶରେ । ଏହାପରେ କଳିଙ୍ଗରେ ମଞ୍ଜୁଳା ଓ ସୁହାସୀଙ୍କ ବିଷୟରେ ସଂକ୍ଷେପ ସୂଚନା ଦେଉଛି । (କ୍ରମଶଃ)

# ସଂକ୍ରାନ୍ତିର ନାମକରଣ ଓ ଉତ୍ତରାୟଣ ଯାତ୍ରା



ଶ୍ରୀହେମନ୍ତ କୁମାର ଗନ୍ତାୟତ
ଅଧ୍ୟାପକ
ଆସିକା ,ଗଞ୍ଜାମ
ମୋ-୯୮୬୧୩୩୪୮୬୮

ଭାରତୀୟ ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ନଅଗୋଟି ଗ୍ରହ, ବାରଗୋଟି ରାଶି ଓ ସତେଇଶଗୋଟି ନକ୍ଷତ୍ର ରହିଛି । ସେଥି ମଧ୍ୟରୁ ରବି ( ସୂର୍ଯ୍ୟ ) ହେଉଛନ୍ତି ଗ୍ରହରାଜ । ସୂର୍ଯ୍ୟଙ୍କୁ ପୃଥିବୀ ନିଜର ଗତିଦ୍ୱାରା ନିଜ କକ୍ଷପଥରେ ରହି ପ୍ରତିବର୍ଷ ପରିକ୍ରମା କରୁଥାଏ । ଏହି ସମୟରେ ସୂର୍ଯ୍ୟ ବାରଗୋଟି ରାଶିରେ ଏକ ଏକ ମାସ ଅବସ୍ଥାନ କରିଥାନ୍ତି। ସେ ଗୋଟିଏ ରାଶିଚକ୍ରରୁ ଅନ୍ୟ ଗୋଟିଏ ରାଶିଚକ୍ରକୁ ସଂକ୍ରମଣ (ଗମନ) କରୁଥିବା ସମୟକୁ ସଂକ୍ରାନ୍ତି ବୋଲି କୁହାଯାଏ। ପଞ୍ଜିକାନୁଯାୟୀ ସୂର୍ଯ୍ୟଙ୍କ ରାଶିଚକ୍ର ନାମାନୁସାରେ ପ୍ରତ୍ୟେକ ସଂକ୍ରାନ୍ତି ଗୁଡ଼ିକ ମେଷ ଠାରୁ ଆରମ୍ଭ ହୋଇ ଯଥାକ୍ରମେ ବୃଷ, ମିଥୁନ, କର୍କଟ, ସିଂହ, କନ୍ୟା, ତୁଳା, ବିଛା, ଧନୁ, ମକର, କୁମ୍ଭ ଓ ମୀନ ଏହିପରି ବର୍ଷରେ ବାରଟି ହୋଇଥାଏ । ଏହି ସଂକ୍ରାନ୍ତି ଗୁଡ଼ିକକୁ ବାର ଅନୁସାରେ ନାମିତ କରାଯାଇଛି। ଯେପରି ରବିବାରେ ସଂକ୍ରାନ୍ତି ପଡିଲେ ତାହାର ନାମ ଘୋରା , ସୋମବାର ହେଲେ ଧ୍ୱାଂକ୍ଷୀ, ମଙ୍ଗଳବାର ହେଲେ ମହୋଦରୀ, ବୁଧବାର ହେଲେ ମନ୍ଦାକିନୀ, ଗୁରୁବାର ହେଲେ ମନ୍ଦା, ଶୁକ୍ରବାର ହେଲେ ମିଶ୍ରା ଓ ଶନିବାର ହେଲେ ରାକ୍ଷସୀ । ଏହି ସଂକ୍ରାନ୍ତି ବର୍ଷର ସମସ୍ତ ସୌରମାସରେ ପଡ଼ିଥାଏ କିନ୍ତୁ ଚନ୍ଦ୍ର ଗଣନା ଅନୁଯାୟୀ ଅଧିମାସ ବା ମଳମାସ ହେଲେ ସଂକ୍ରାନ୍ତି ପଡେ ନାହିଁ । ଏ ସଂକ୍ରାନ୍ତିକୁ ନିରଂଶ ଦିବସ ମଧ୍ୟ କୁହାଯାଏ , ସେଥିପାଇଁ ଏ ଦିନରେ ଯାତ୍ରାଦି ଶୁଭକର୍ମ ନିଷିଦ୍ଧ କରାଯାଉଛି।

ଆମ ସଂସ୍କୃତିରେ ବାରଗୋଟି ସଂକ୍ରାନ୍ତିର ମହତ୍ତ୍ୱ ସ୍ଥାନ ବିଶେଷରେ ପରିଲକ୍ଷିତ ହୁଏ । ସେଥିମଧ୍ୟରୁ ମକର ସଂକ୍ରାନ୍ତିର ବିଶେଷ ମହତ୍ତ୍ୱ ଦେଖିବାକୁ ମିଳେ । ଏହି ଦିନ ସୂର୍ଯ୍ୟ ଧନୁରାଶିରୁ ମକରରାଶିକୁ କ୍ରମଶଃ ଆଗମନ କରି ଛଅମାସ ପର୍ଯ୍ୟନ୍ତ ଅବସ୍ଥାନ କରିଥାନ୍ତି। ଏଥି ଯୋଗୁଁ ଉକ୍ତ ଦିବସ ଠାରୁ ଉତ୍ତରାୟଣ ଆରମ୍ଭ ହେବା ସହ ବିବାହ, ବ୍ରତ, ଯଜ୍ଞାନୁଷ୍ଠାନ,ଗୃହ ଓ ଦେବାଳୟ ପ୍ରତିଷ୍ଠା ଆଦି ସମସ୍ତ ଶୁଭକର୍ମ ଅନୁଷ୍ଠିତ ହୋଇଥାଏ । ମକରଠାରୁ ଦିନ ବଡ଼ର ହୁଏ ବୋଲି ଓଡ଼ିଆରେ ପ୍ରବାଦ ରହିଛି। ଅର୍ଥାତ ଉକ୍ତ ଦିନଠାରୁ ଦିନ କ୍ରମଶଃ ବଢିବାକୁ ଲାଗେ । ଏହି ଉତ୍ତରାୟଣ କାଳରେ ଯେଉଁମାନଙ୍କର ଦେହାନ୍ତ ହୁଏ, ସେମାନଙ୍କୁ ସ୍ୱର୍ଗଲୋକ ପ୍ରାପ୍ତ ହୁଏ ବୋଲି ହିନ୍ଦୁ ଧର୍ମରେ ବିଶ୍ୱାସ ରହିଛି। ତେଣୁ ମକର ସଂକ୍ରାନ୍ତିର ପୁଣ୍ୟକାଳରେ ପ୍ରତ୍ୟୁଷରୁ ମହୋଦଧି ତୀର, ନଦୀ ଓ ପୋଖରୀରେ ପ୍ରଭୃତି ସ୍ଥାନରେ ସ୍ନାନାଦି କାର୍ଯ୍ୟ ସମାପନ କରି ସୂର୍ଯ୍ୟଙ୍କୁ ଦର୍ଶନ କରିଥାନ୍ତି। ଏହି ସମୟରେ ମକର ମେଳା, ସାଧୁସଙ୍ଗ ଓ ମହୋତ୍ସବ ଆଦି ପରମ୍ପରା କେଉଁ ଆବାହମାନ କାଳରୁ ଆମ ସଂସ୍କୃତିରେ ଚାଲିଆସିଛି । ମକର ସଂକ୍ରାନ୍ତି ଅବସରରେ ଗଙ୍ଗାସାଗର ଠାରେ ପ୍ରସିଦ୍ଧ ମେଳାମଧ୍ୟ ଅନୁଷ୍ଠିତ ହୋଇଥାଏ।

ଏହି ଦିନ ମଧ୍ୟ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥାଏ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ମଙ୍ଗଳ ଆଳତୀ ଓ ଅବକାଶ ନୀତି ବଢ଼ିବା ପରେ ପରେ ଶ୍ରୀଜିଉମାନଙ୍କୁ ପଟା ପହରଣ (ପତଳା ସୂତାର ଜାଲିକନା) ଲାଗି କରାଯାଏ। ତତ୍ପରେ ତ୍ରିମୁଣ୍ଡିରେ ମକରଚୂଳ ସେବକମାନେ ଲାଗି କରିଥାନ୍ତି। ଏହାପରେ ଶ୍ରୀବିଗ୍ରହମାନଙ୍କର ବେଶ ଓ କର୍ପୂର ଲାଗି ହୋଇ ବଢ଼ିଥାଏ। ଗୋପାଳବଲ୍ଲଭ ଓ ସକାଳ ଧୂପ ନୀତି ବଢ଼ିବା ପରେ ମଇଲମ, ମହାସ୍ନାନ, ସର୍ବାଙ୍ଗ ଲାଗି, ନୂଆଲୁଗା ଲାଗି, ମାଳଚୂଳ ଲାଗି ହେବା ପରେ ଛଅ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ମକରବେଶ ବଢ଼ିଥାଏ । ଘଣ୍ଟ, ଛତା, କାହାଳୀ ପଟୁଆର ସହିତ ତଳିଚ୍ଛୁ ଓ ପ୍ରଧାନୀ (ସେବକ)ଙ୍କ ହାତପୈଠ (ହାତୁଆଣୀ) ହୋଇ ରୋଷଘରଠାରୁ ଭୋଗ ଶ୍ରୀଛାମୁକୁ ଆସିଥାଏ । ଭୋଗ ବଢ଼ିବା ପରେ ପାଣି ପଡ଼ି ଧୋପଖାଳ ହୋଇ ଟେରା ବନ୍ଧାଯାଏ । ଇତି ମଧ୍ୟରେ ନଡ଼ିଆ, ଘିଅ, ମିଠା, ମସଲା ଓ ଦୁଧସର ଦ୍ରବ୍ୟମାନ ଆଣି ସୁଦୁ ସୁଆର ସେବକମାନେ ମକରଚାଉଳ ପାଇଁ ପ୍ରସ୍ତୁତ କରି ରଖିଥାନ୍ତି । ଏହାପରେ ପୂର୍ବ ଦିନରୁ ଭୋଗମଣ୍ଡପ ଘରେ ଶୁଦ୍ଧପୂତ ଭାବେ ଅଧିବାସ ହୋଇ ରଖାଯାଇଥିବା ମକରଚାଉଳକୁ ପତ୍ରିବଡୁ / ପନ୍ତିବଡୁ ସେବକମାନେ ମୁହଁରେ ବାଘମୁହାଁ ବାନ୍ଧି ଘଣ୍ଟ, ଛତା, କାହାଳୀ ପଟୁଆରରେ ତଳିଚ୍ଛୁଙ୍କ ସହ ମୁଖ୍ୟ ମନ୍ଦିରକୁ ତିନିଥର ପରିକ୍ରମା କରି ଶ୍ରୀଛାମୁରେ ପନ୍ତି ବାଢ଼ିଥାନ୍ତି । ମୁଦିରଥ ପ୍ରସାଦ ଲାଗି କରିବା ପରେ ତିନି ବାଡ଼ରେ ତିନି ପୂଜାପଣ୍ଡା ସାମନ୍ତମାନେ ପଞ୍ଚୋପଚାରରେ ମଣୋହି କରନ୍ତି । ଭୋଗ ବଢିବା ପରେ ଶ୍ରୀଜିଉମାନଙ୍କୁ ବନ୍ଦାପନା କରାଯାଏ ।

ଏହି ପବିତ୍ର ଦିବସଟି ହେଉଛି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରେ ଅନ୍ୟତମ। ଉକ୍ତ ଦିନ ଶ୍ରୀମନ୍ଦିରରେ ଉତ୍ତରାୟଣ ଯାତ୍ରା ବା ମକର ସଂକ୍ରାନ୍ତି ଉତ୍ସବ ମହାସମାରୋହରେ ପାଳିତ କରାଯାଏ । ଏ ଯାତ୍ରା ସମ୍ବନ୍ଧରେ ସ୍କନ୍ଦପୁରାଣରେ ଉଲ୍ଲେଖ ରହିଛି ଯେ, ମହା ପୁଣ୍ୟମୟ ମକର ସଂକ୍ରାନ୍ତି ଦିନ ଶ୍ରୀକ୍ଷେତ୍ରରେ ତୀର୍ଥରାଜ ମହୋଦଧିରେ ସ୍ନାନ କରି ଶ୍ରୀମନ୍ଦିରରେ କଳ୍ପବଟ ପ୍ରଦକ୍ଷିଣ ପୂର୍ବକ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କଲେ ଅଶେଷ ଫଳପ୍ରାପ୍ତି ହୋଇଥାଏ ।

# 'ଭାରତୀୟ ସଂସ୍କୃତିରେ ମହାପର୍ବ - କୁମ୍ଭମେଳା'



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

କୁମ୍ଭ ମେଳା ପ୍ରତି ବର୍ଷ ଆୟୋଜିତ ହୁଏ । ଏହି ଅବସରରେ ସଙ୍ଗମ ସ୍ଥଳରେ ଏକ ବିରାଟ ଜନସମାଗମ ହୁଏ। ହରିଦ୍ୱାର, ପ୍ରୟାଗରାଜ, ଉଜ୍ଜୈନ ଏବଂ ନାସିକରେ ପ୍ରତି ବର୍ଷରେ କୁମ୍ଭ ମେଳା ଆୟୋଜିତ ହୋଇଥାଏ । କେବଳ ଭାରତ ନୁହେଁ, ଦୁନିଆର କୋଣ ଅନୁକୋଣରୁ ଲୋକମାନେ କୁମ୍ଭମେଳାରେ ଯୋଗ ଦେବାକୁ ଆସନ୍ତି। ବିଶ୍ୱାସ କରାଯାଏ ଯେ କୁମ୍ଭ ମେଳାର ଗଙ୍ଗା ନଦୀରେ ଗାଧୋଇବା ଦ୍ୱାରା ଜଣେ ବ୍ୟକ୍ତିଙ୍କର ସମସ୍ତ ପାପ ଧୋଇଯାଏ ଓ ମୋକ୍ଷ ପ୍ରାପ୍ତି ହୋଇଥାଏ । କୁମ୍ଭମେଳାକୁ 'ସାଧନା' କରୁଥିବା ସାଧୁ ଏବଂ ନାଗା ସାଧୁଙ୍କ ସମେତ ଏପରି ସନ୍ଥ ଆସନ୍ତି ଯେଉଁମାନେ ଏକାନ୍ତରେ ବାସ କରନ୍ତି। ସେମାନେ କେବଳ କୁମ୍ଭ ମେଳା ସମୟରେ ପରିଦର୍ଶନ କରିବାକୁ ଆସନ୍ତି । ଆଧାତ୍ମିକତାର ସନ୍ଧାନକାରୀ ଏବଂ ହିନ୍ଦୁ ଧର୍ମ ଅନୁସରଣ କରୁଥିବା ସାଧାରଣ ଲୋକ ମଧ୍ୟ ଆସିଥାନ୍ତି । ଏହା ଭାରତ ବର୍ଷର ଏକ ଗୌରବ ଓ ବିରାଟ ମହାନ ପର୍ବ ଅଟେ ।

କୁମ୍ଭ ଶବ୍ଦର ଏକ ବିରାଟ ମହତ୍ୱ ରହିଛି ସାଧାରଣ ଅର୍ଥରେ ଏହାର ଅର୍ଥ ମାଠିଆ ହୋଇପାରେ କିନ୍ତୁ ଆମ ଶାସ୍ତ୍ର ଓ ଆଧାତ୍ମିକ ଭାବନାରେ କୁମ୍ଭ ଏକ ବ୍ୟାପକତା ଶବ୍ଦକୁ ପ୍ରତିପାଦନ କରିଥାଏ । ଦେବାସୁରଙ୍କ ଦ୍ୱାରା କ୍ଷୀର ସମୁଦ୍ର ମନ୍ଥନ ଦ୍ୱାରା ଧନ୍ୱନ୍ତରୀଙ୍କ ହସ୍ତରୁ ପ୍ରାପ୍ତ ହୋଇଥିବା ଅମୃତ କୁମ୍ଭକୁ ଇନ୍ଦ୍ର ପୁତ୍ର ଜୟନ୍ତ କାକ ରୂପରେ ଥଣ୍ଟରେ ଧରି ପଳାୟନ କରୁଥିବା ବେଳେ ପବିତ୍ର ଗଙ୍ଗାନଦୀ କୂଳରେ ଅବସ୍ଥିତ ଯେଉଁ କେତୋଟି ସ୍ଥାନରେ ସେଥିରୁ ବୁନ୍ଦାଏ ଲେଖାଏଁ ପଡ଼ି ଯାଇଥିଲା ସେହି ସେହି ପବିତ୍ର ସ୍ଥାନ ମାନଙ୍କରେ କୁମ୍ଭମେଳା ପୁରାଣ ଯୁଗରୁ ଏଯାବତ ପ୍ରଚଳିତ ହୋଉ ଆସୁଛି । ସେହି ସ୍ଥାନ ମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶ ସ୍ଥିତ ଗଙ୍ଗା ଯମୁନା ସରସ୍ୱତୀ ନଦୀର ପବିତ୍ର ମିଳନ ସ୍ଥଳ ଯାହା ସଙ୍ଗମ ତୀର୍ଥ ପ୍ରୟାଗରାଜ୍ ଅନ୍ୟତମ। ଏହା ବ୍ୟତୀତ ମହାରାଷ୍ଟ୍ରର ନାସିକ ଓ କଲିକତାର ସାଗରସଙ୍ଗମ ଗଙ୍ଗା ସାଗର ଠାରେ ମଧ୍ୟ ଆୟୋଜିତ ହୋଇ ଆସୁଛି । ପ୍ରତି ୧୨ ବର୍ଷରେ ଥରେ କୁମ୍ଭ ମେଳା ଆୟୋଜନ ହୋଇଥାଏ । ଏହିପରି ଛଅଟି ବାର ବର୍ଷିଆ କୁମ୍ଭ ମେଳାକୁ ଅର୍ଦ୍ଧ କୁମ୍ଭ ଏବଂ ବାର ଗୋଟି ବାର ବର୍ଷିଆ କୁମ୍ଭ ଅର୍ଥାତ ମୋଟ ୧୪୪ ବର୍ଷରେ ମହାକୁମ୍ଭ ପଡିଥାଏ ଓ ଏହାକୁ ବାରୁଣୀ ଯୋଗ କୁହାଯାଏ ଯେତେବେଳେ କି ଏହି ଦୁର୍ଲଭ ଯୋଗ ପଡିଥାଏ ସେତେବେଳେ ଗୋଟିଏ ରାଶି କୁମ୍ଭରେ ସର୍ବାଧିକ ଗ୍ରହ ଅବସ୍ଥାନ କରି ସମଗ୍ର ସଂସାରକୁ ଶୁଭଫଳ ପ୍ରଦାନ କରିଥାନ୍ତି ବୋଲି ଆମ ସନାତନ ଧର୍ମର ଶାସ୍ତ୍ରୀୟ ମାନ୍ୟତା ରହି ଆସିଅଛି ।

ପୌରାଣିକ ମତେ ଅମୃତ ଭାଣ୍ଡ ପାଇଁ ଦେବାସୁରଙ୍କ ମଧ୍ୟରେ ସଂଘର୍ଷ ଚାଲିଥିବା ବେଳେ ଉକ୍ତ ଭାଣ୍ଡରୁ ଚାରିଟୋପା ଅମୃତ ଚାରୋଟି ସ୍ଥାନ ପ୍ରୟାଗରାଜ, ହରିଦ୍ୱାର, ଉଜ୍ଜୈନ ଓ ନାସିକରେ ପଡ଼ିଯାଇଥିଲା । ଏବେ ସେହି ଚାରୋଟି ସ୍ଥାନରେ କୁମ୍ଭମେଳା ଅନୁଷ୍ଠିତ ହେଉଛି । ହିନ୍ଦୁ ଧର୍ମ ବିଶ୍ୱାସ ଅନୁସାରେ ମହାକୁମ୍ଭ ସ୍ନାନଦ୍ୱାରା ପାପ କ୍ଷୟ ହୁଏ, ଏହା ମୋକ୍ଷ ପ୍ରାପ୍ତିର ମାର୍ଗ । ଜ୍ୟୋତିଷ ଶାସ୍ତ୍ରମତରେ ମଧ୍ୟ ମକର ସଂକ୍ରାନ୍ତିଠାରୁ ମହା ଶିବରାତ୍ରି ପର୍ଯ୍ୟନ୍ତ ମହାକୁମ୍ଭ ସ୍ନାନ ଆଧାତ୍ମିକ, ଶାରୀରିକ ଓ ମାନସିକ ଶକ୍ତିରେ ବିକାଶ ଘଟାଏ । କାରଣ ଏହି ସମୟରେ ବୃହସ୍ପତି ବୃଷ ରାଶିରେ ଅବସ୍ଥାନ କରନ୍ତି ଏବଂ ମକର ରାଶିରେ ରହିଥାନ୍ତି ରବି ଓ ଚନ୍ଦ୍ର । ଫଳରେ ପ୍ରୟାଗର ବାୟୁମଣ୍ଡଳ ପରିପୂର୍ଣ୍ଣ ହୋଇଥାଏ ଆଧାତ୍ମିକ ଶକ୍ତିଦ୍ୱାରା । ଭକ୍ତ ଓ ଶ୍ରଦ୍ଧାଳୁମାନେ ଗଙ୍ଗାର ଜଳ, ବାୟୁମଣ୍ଡଳ ତଥା ସମଗ୍ର ଅଞ୍ଚଳରେ ଆଧାତ୍ମିକ ଶକ୍ତିର ସତ୍ତା ଅନୁଭବ କରନ୍ତି । ତେଣୁ କୁମ୍ଭ ମେଳାରେ ଯୋଗ ଦେଲେ ସ୍ୱତଃ ମାନସିକ, ଶାରୀରିକ ଓ ବୌଦ୍ଧିକ ଅଭିବୃଦ୍ଧି ହୋଇଥାଏ । ଏହା ହିଁ ମୋକ୍ଷର ମାର୍ଗ । କୁମ୍ଭ ସ୍ନାନର ଶ୍ରେଷ୍ଠ ଦିବସ ହେଉଛି ମୌନୀ ଅମାବାସ୍ୟା । ଏହି ଦିନ ସୃଷ୍ଟି ସର୍ଜନା କରିଥିଲେ ବ୍ରହ୍ମା । ତେଣୁ ମୌନୀ ଅମାବାସ୍ୟାର ସ୍ନାନରେ ମିଳେ ଅମାପ ଆଧାତ୍ମିକ ଶକ୍ତି । ମହାକୁମ୍ଭ ସମୟରେ ପ୍ରୟାଗଠାରେ ବ୍ରହ୍ମା-ବିଷ୍ଣୁ-ମହେଶ୍ୱର ଓ ସକଳ ଦେବ, ସମସ୍ତ ବେଦର ମିଳନ ଘଟିଥାଏ । ଗଙ୍ଗାର ପବିତ୍ର ଜଳ ମଧ୍ୟ ମକର ସଂକ୍ରାନ୍ତି ସମୟରେ ଆଧାତ୍ମିକ ଶକ୍ତିଦ୍ୱାରା ଶକ୍ତିଶାଳୀ ମନେ ହୁଏ । ତେଣୁ ଗଙ୍ଗା ବୁଡ଼ ଫଳରେ ଅମୃତର ସ୍ୱାଦ ଅର୍ଥାତ ଐଶ୍ୱରିକ ସତ୍ତାର ଉପଲବ୍ଧି ମିଳେ ବୋଲି ବିଶ୍ୱାସ ରହିଛି । ପୌରାଣିକ ମତେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ପୁରୁଷାର୍ଥ ଅଟେ। ଏଥିମଧ୍ୟରୁ ଅର୍ଥ ଓ କାମ ଲୌକିକ ଏବଂ ଧର୍ମ ଓ ମୋକ୍ଷ ପାରଲୌକିକ ଶ୍ରେଷ୍ଠତା ପାଇଁ ଉଦ୍ଦିଷ୍ଟ । କୁମ୍ଭସ୍ନାନ ଏହି ଚତୁର୍ବର୍ଗ ଫଳ ପ୍ରଦାନ କରିଥାଏ । କୁମ୍ଭପର୍ବରେ ବିଧିବିଧାନ ପୂର୍ବକ ସ୍ନାନ ଓ ଦାନ ଆଦି କଲେ ଶତ ଅଶ୍ୱମେଧ ଯଜ୍ଞର ଫଳପ୍ରାପ୍ତି ତଥା ପରଲୋକ ମୁକ୍ତି ଅମୃତତ୍ୱ ପ୍ରାପ୍ତି ହୁଏ । ଆମ ଶାସ୍ତ୍ର ଅନୁସାରେ ବୃହସ୍ପତି ଓ ସୂର୍ଯ୍ୟ ସିଂହ ରାଶିରେ ଥିଲେ ତ୍ର୍ୟମ୍ବକେଶ୍ୱର ନାସିକ, ବୃହସ୍ପତି ଓ ସୂର୍ଯ୍ୟ ବିଛା ରାଶିରେ ଥିଲେ ଉଜ୍ଜୟନୀ, ବୃହସ୍ପତି ବୃଷ ରାଶିରେ ଓ ସୂର୍ଯ୍ୟ ମକର ରାଶିରେ ଥିଲେ ପ୍ରୟାଗ ଆହ୍ଲାବାଦ, ସୂର୍ଯ୍ୟ ମେଷ ରାଶିରେ ଥିଲେ ହରିଦ୍ୱାର, ବୃହସ୍ପତି ବୃଷ ରାଶିସ୍ଥ ହୋଇଥିବା ସମୟରେ, ରବି ଓ ଚନ୍ଦ୍ର ମକର ରାଶିରେ ପ୍ରବେଶ କଲେ ମାଘ ମାସ ଅମାବାସ୍ୟାରେ ମହାକୁମ୍ଭ ଯୋଗ ପଡ଼େ । କୁମ୍ଭ ମେଳା ୪ ପ୍ରକାରର ହୋଇଥାଏ । ଯଥା- କୁମ୍ଭ, ଅର୍ଦ୍ଧ କୁମ୍ଭ, ପୂର୍ଣ୍ଣ କୁମ୍ଭ ଏବଂ ମହାକୁମ୍ଭ । ଏହି ସବୁ କୁମ୍ଭ ମେଳା ଗ୍ରାହକଙ୍କ ଅନୁସାରେ ଆୟୋଜିତ କରାଯାଏ । କୁମ୍ଭ ମେଳାର ଆୟୋଜନରେ ବର୍ଷର ସମୟ ମଧ୍ୟ ବହୁତ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ ।

କୁମ୍ଭ ମେଳାର ପ୍ରକାର ଭେଦ ଅନୁସାରେ, ପୂର୍ଣ୍ଣ କୁମ୍ଭ ହେଉଛି ମହାକୁମ୍ଭ। ୧୨ ବର୍ଷ ପରେ ପ୍ରୟାଗରାଜ୍ ମହା କୁମ୍ଭମେଳା ଆୟୋଜିତ ହୋଇଥାଏ । ମହା କୁମ୍ଭମେଳା ଆୟୋଜିତ ପ୍ରାୟାଗରାଜ୍ ବ୍ୟତୀତ ହରିଦ୍ୱାର, ନାଶିକ ଏବଂ ଉଜ୍ଜଇନରେ ମଧ୍ୟ କରାଯାଇଥାଏ । ଏହି ମେଳା ୧୨ ବର୍ଷର ବ୍ୟବଧାନରେ ପାଳନ କରାଯାଏ । ଏଥିପାଇଁ ସମସ୍ତ ଚାରେଟି ସ୍ଥାନ ଗୋଟିଏ, ପରେ ଗୋଟିଏ ଚୟନ କରାଯାଇଥାଏ । ଏହି ସମୟ ମଧ୍ୟରେ ଗଙ୍ଗା, ସିପ୍ରା, ଗୋଦାବରୀ ଏବଂ ସଙ୍ଗମ ନଦୀରେ ସ୍ନାନ କରନ୍ତି। କୁମ୍ଭ ମେଳା ପରି ଅର୍ଦ୍ଧ କୁମ୍ଭ ମଧ୍ୟ ପ୍ରତି ଛଅ ବର୍ଷ ପରେ ପାଳନ କରାଯାଏ । ଅର୍ଦ୍ଧ କୁମ୍ଭ କେବଳ ଦୁଇଟି ସ୍ଥାନରେ ଆୟୋଜିତ କରାଯାଏ । ଏହି ଦୁଇଟି ସ୍ଥାନ ହେଉଛି- ପ୍ରୟାଗରାଜ୍ ଏବଂ ହରିଦ୍ୱାର। ଅର୍ଦ୍ଧର ଅର୍ଥ ଅଧା ହୋଇଥାଏ । ଏଥିପାଇଁ ଏହା ୬ ବର୍ଷ ପରେ ଆୟୋଜିତ କରାଯାଇଥାଏ। ୧୨ ବର୍ଷ ପରେ ପାଳନ କରାଯାଉଥିବା କୁମ୍ଭ ମେଳାକୁ ପୂର୍ଣ୍ଣ କୁମ୍ଭ ମେଳା କୁହାଯାଇଥାଏ। ଗତ ବର୍ଷ ଜାନୁଆରୀ ୨୦୨୫ ରେ ପ୍ରୟାଗରାଜ୍ ଠାରେ ଆୟୋଜିତ ହୋଇ ଚାଲିଥିବା ମେଳା କେବଳ କୁମ୍ଭ ନୁହେଁ ବରଂ ପୂର୍ଣ୍ଣ କୁମ୍ଭମେଳା ମଧ୍ୟ ହୋଇଥିଲା । ସେହିଭଳି ପ୍ରତି ୧୪୪ ବର୍ଷ ପରେ ଆୟୋଜିତ ହୋଇଥିବା କୁମ୍ଭ ମେଳାକୁ ମହାକୁମ୍ଭ କୁହାଯାଏ । ଏହା କେବଳ ପ୍ରୟାଗରାଜ୍ ଠାରେ ଆୟୋଜିତ କରାଯାଏ। କାରଣ ଏହି କୁମ୍ଭ ମେଳା ବହୁ ବର୍ଷ ପରେ ଆସେ ଏବଂ ଏଥିପାଇଁ ଏହାର ବିଶେଷ ମହତ୍ୱ ରହିଛି ।

କୁମ୍ଭ ମେଳା ଗୁଡିକ ଜ୍ୟୋତିଷ ଶାସ୍ତ୍ର ଓ ଜ୍ୟୋତିର୍ବିଜ୍ଞାନ ଅନୁସାରେ ମହାକାଶରେ ସୂର୍ଯ୍ୟ, ଚନ୍ଦ୍ର, ବୃହସ୍ପତି ଆଦିଙ୍କ ନିର୍ଦ୍ଦିଷ୍ଟ ରାଶିଚକ୍ରରେ ଅବସ୍ଥିତି ସମୟକୁ ନେଇ ପାଳନ କରାଯାଏ। ପୃଥିବୀ ପୃଷ୍ଠର ଜଳ ରାଶି ଉପରେ ସୂର୍ଯ ଚନ୍ଦ୍ରଙ୍କ ତିଥି ଅନୁସାରେ କ'ଣ ପ୍ରଭାବ ରହିଛି ତାହା ଅମାବାସ୍ୟା ପୂର୍ଣ୍ଣିମା ମାନଙ୍କରେ ସମୁଦ୍ରରେ ଜୁଆର ଉଠିବା ଘଟଣାରୁ କିଛି କିଛି ଜାଣି ହେଉଛି। ତେଣୁ ଆମ ପୂର୍ବଜ ସନାତନୀ ମାନେ ବିନା କାରଣରେ ଏଇ ନର୍ଦ୍ଦିଷ୍ଟ ତିଥି ମାସ ମାନଙ୍କରେ କୁମ୍ଭ ମେଳା ସ୍ନାନ ପରମ୍ପରା ଆରମ୍ଭ କରି ନାହାନ୍ତି। ଏହାର ଆଧାତ୍ମିକ ଓ ବିଜ୍ଞାନ କାରଣ ମଧ୍ୟ ଅଛି କିନ୍ତୁ ଏ ଦିଗରେ ବୈଜ୍ଞାନିକ ଗବେଷଣା କରିବାକୁ କାହାରି ସେପରି ଆଗ୍ରହ ଥିବା ପରିଲକ୍ଷିତ ହୁଏ ନାହିଁ। କାରଣ ଏଗୁଡ଼ିକ ସପକ୍ଷରେ କୌଣସି ମୂଲ୍ୟବାନ ତଥ୍ୟ ଜଣାପଡିଗଲେ ସନାତନୀ ପରମ୍ପରା ମହିମା ମଣ୍ଡିତ ହୋଇଯିବ ଯେତେବେଳେ କି ସାରା ବିଶ୍ୱର ତଥାକଥିତ ବୁଦ୍ଧିଜୀବୀ ମାନେ ସନାତନୀ ଧର୍ମ ଓ ପରମ୍ପରାକୁ ଧ୍ୱଂସ କରିବାକୁ ଷଡ଼ଯନ୍ତ୍ରରେ ଲିପ୍ତ । ଏପରିକି ଭାରତର କିଛି ହିନ୍ଦୁ ବିଜ୍ଞାନର ଦୁଇ ଅକ୍ଷର ପଢିଦେଲା ପରେ ସେଇ ଗୋଷ୍ଠିର ପ୍ରରୋଚନାରେ ପଡି ଏଗୁଡାକ ଅନ୍ଧ ବିଶ୍ୱାସ, କୁସଂସ୍କାର ବୋଲି କହିବାକୁ ମଧ୍ୟ ପଛାଉ ନାହାନ୍ତି ଯାହା ଖୁବ୍ ନିନ୍ଦନୀୟ ।

କୁମ୍ଭ ସାଧାରଣ କୁମ୍ଭ ନୁହେଁ। ଏହା ଅମୃତଭରା କୁମ୍ଭ। ଭଲମନ୍ଦ ମଧ୍ୟରେ ସଂଘର୍ଷ ପରେ ଏହା ସର୍ବଶେଷରେ ପ୍ରାପ୍ତ ହୋଇଥିଲା। ପ୍ରଥମରେ ବିଷ, ଏହାକୁ ଯିଏ ପାନ କରିଥିଲେ, ସେ ପରମତତ୍ତ୍ୱ ଶିବ, ନିର୍ବିକାର ତଥା ଅବ୍ୟୟ। ତା'ପରେ ନାନା ପ୍ରକାର ଲୌକିକ ସମ୍ପଦ ନିର୍ଗତ ହୋଇଥିଲା। ବିଷକୁ ଛାଡ଼ି ଦେଲେ ଯାହା ସମୁଦ୍ରରୁ ବାହାରିଥିଲା, ସେ ସବୁ ପାଇବା ପାଇଁ ଭଲମନ୍ଦ ମଧ୍ୟରେ ସଂଘର୍ଷ ହୋଇଥିଲା ଓ ନିଜ ସାମର୍ଥ୍ୟ ଅନୁସାରେ ସେ ସବୁକୁ ବାଣ୍ଟି ନେଇଥିଲେ। ହେଲେ ବିଷକୁ କେହି ଚାହିଁ ନ ଥିଲେ। କେବଳ ଯିଏ ନିର୍ବିକଳ୍ପ ଓ ନିର୍ବିକାର ତଥା ପରମତତ୍ତ୍ୱ ସେ ଶିବ ହିଁ ଏହାକୁ ଗ୍ରହଣ କରିପାରେ। ସର୍ବଶେଷରେ ଅମରତ୍ୱର ପ୍ରତୀକ ଅମୃତକୁମ୍ଭ ବାହାରି ଥିଲା। ଏହାକୁ ପାଇବା ପାଇଁ ସମସ୍ତେ ଚାହିଁ ଥିଲେ, ମାତ୍ର ଯେଉଁମାନେ ମାୟା ରୂପୀ ମୋହିନୀ ଉପରେ ମୋହିତ ହୋଇଗଲେ, ସେମାନେ ଅମୃତ ପାଇବାରୁ ବଞ୍ଚିତ ହୋଇଗଲେ। ଆଧାତ୍ମିକ କ୍ଷେତ୍ରରେ ମହାକୁମ୍ଭର ଏକ ମହତ୍ତ୍ୱ ସ୍ଥାନ ରହିଛି। ଭଲମନ୍ଦ ମଧ୍ୟରୁ ଯେ ବାହାରି ଆସିଛି, ଯେ ନିର୍ବିକାର ଓ ନିର୍ବିକଳ୍ପ ତଥା ତଟସ୍ଥ, ସେ ହିଁ ବିଷକୁ ହଜମ କରି ଅମରତ୍ୱ ଲାଭ କରିପାରିବ। ଏହି ସାଂସାରିକ ମୋହମାୟା କ୍ଷଣିକ ସୁଖ ଓ ଉତ୍ତେଜନା ଦେଇପାରେ, ମାତ୍ର ଶାନ୍ତି ଓ ଅମରତ୍ୱ ପ୍ରଦାନ କରିପାରିବ ନାହିଁ। କେବଳ ଭଲମନ୍ଦ ଅତୀତ ହିଁ ଏହାର ଅଧିକାରୀ ଅଟେ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

## ଡଂଗର ତଳର ମଣିଷ



**ଜୀବନ୍ ବି. ଷଡ଼ଙ୍ଗୀ**

'ମୋ ପିଲା ଭଲ ହେବ କି ନାଇଁ ବାବୁ ।' ପିଲାଟି ଖୁବ୍ ସିରିୟସ୍ ଥିଲା । ଡାକ୍ତର ବାବୁ ଖୁବ୍ ଯତ୍ନରେ ଭଲ କରି ଦେଖିଲେ । "କେମିତି ଅଛି ମୋ ପିଲା" ବ୍ୟସ୍ତ ବିବ୍ରତ ହୋଇ ମା' ପଚାରୁଥିଲା । 'ସକାଳେ ଭଲଥିଲା ବାବୁ, ଦେହଟା ଟିକିଏ ଉଷୁମ ଥିଲା । ଏଇ ସନ୍ଧ୍ୟାଠୁ ତା'ର ହୋସ୍ ନାହିଁ । ପଇସା ଆଉ ଗାଡ଼ି ଖୋଜୁ ଖୋଜୁ ଡେରି ହୋଇଗଲା ବାବୁ ।' 'ପିଲାଟି ତ ଖୁବ୍ ସିରିୟସ୍ ଅଛି, କିଛି କହି ହେବ ନାହିଁ । ଭର୍ତ୍ତି କରି ଦେଉଛି । ଔଷଧ ଇଞ୍ଜେକ୍ସନ୍ ଦେଉଛି । ଦେଖାଯାଉ କ'ଣ ହେଉଛି ।' ଡାକ୍ତର ବାବୁ ଭର୍ତ୍ତି କାଗଜ ଲେଖୁ ଲେଖୁ କହିଲେ । ଏତିକି ବେଳେ ଗାଡ଼ିର ଡ୍ରାଇଭର ଗାଡ଼ି ଭଡ଼ା ନେବା ପାଇଁ ବାପକୁ ଡାକିଲା । ଏତେବେଳ ପର୍ଯ୍ୟନ୍ତ ଚୁପ୍ ଚାପ୍ ଠିଆ ହୋଇଥିବା ବାପ ଡାକ୍ତର ବାବୁଙ୍କୁ ପଚାରିଲା 'ମୋ ପିଲା ବଞ୍ଚିବ କି ନାଇଁ ବାବୁ ?' 'ଚେଷ୍ଟା କରିବା, ମୁଁ ତ ଭଗବାନ ନୁହେଁ ।' ଯଥାସମ୍ଭବ କଅଁଳ ସ୍ୱରରେ କହିଲେ ଡାକ୍ତର ବାବୁ । ବାପର ନଜର ପିଲା ଉପରେ । ପୁଣି ଥରେ ପଚାରିଲା ପିଲା ବଞ୍ଚିବ କି ନାହିଁ । 'ଚେଷ୍ଟା ତ ଚାଲିଛି । ଦେଖାଯାଉ କ'ଣ ହେଉଛି ।' ଏଥର ବାପ କୋହଭରା ଯନ୍ତ୍ରଣାସିକ୍ତ କଣ୍ଠରେ କହିଲା । 'ବଡ଼ କଷ୍ଟରେ ଗାଇଟିଏ ବନ୍ଧା ପକେଇ କିଛି ପଇସା ଆଣି ଗାଡ଼ିଟିଏ ଭଡ଼ାକରି ପିଲାକୁ ଆଣିଛି । ଆସିଲା ବେଳେ ଗୋଡ଼ ହାତ ତ ଟିକିଏ ହଲଉଥିଲା । ଏବେ ତ ଆଖି ବି ଖୋଲୁନାହିଁ । ମରିଗଲେ ବାବୁ ମୁର୍ଦାର ନେବା ପାଇଁ ଗାଡ଼ି ବାଲା ମନା କରିବେ, ନେଲେ ବି ପଇସା ବହୁତ କହିବେ । ମୋ ପାଖରେ ସେତିକି ପାଇସା ନାହିଁ । ବଞ୍ଚିବାର ଆଶା ଯଦି ନାହିଁ ତେବେ ଜିଇଁ ଥାଉ ଥାଉ ମୋ ପିଲାକୁ ଏଇ ଗାଡ଼ିରେ ଫେରାଇ ନେବି ।' ଇଏ ବି ସତ କଥା । ଅସହାୟତାର ଫାଇଦା କିପରି ଉଠାଯାଏ ମଣିଷ ଜାତିକୁ ଭଲ ଭାବରେ ଜଣା । ଡାକ୍ତର ବାବୁ ଯଦିଓ ଜାଣିଥିଲେ ବଞ୍ଚିବାର ଆଶା ନାହିଁ ତଥାପି ଭାବିପାରୁନଥିଲେ ଚେଷ୍ଟା ନକରି କେମିତି ଫେରାଇ ଦେବେ ବୋଲି । 'ତୁମେ ଗାଡ଼ିକୁ ଫେରେଇ ଦିଅ । ଔଷଧ ଇଞ୍ଜେକ୍ସନ୍ ଆରମ୍ଭ ହେଉ, ଦେଖିବା କ'ଣ ହେଉଛି ।' ଏ ଭିତରେ ନର୍ସ ଦିଦି ବି ଆସିଯାଇଥିଲା । ଔଷଧ ଇଞ୍ଜେକ୍ସନ୍ ସାଲାଇନ୍ ଅକ୍ସିଜେନ୍ ବି ଆରମ୍ଭ ହୋଇଗଲା । ବହୁତ କଷ୍ଟରେ ଭେନ୍‌ଟେ ମିଳିଲା ସାଲାଇନ୍ ଦେବା ପାଇଁ । ବାପ ଫେରିବାକୁ ଉଛନ୍ନ ହେଉଥିବା ଗାଡ଼ିବାଲାକୁ ଭଡ଼ା ପଇସା ଦେଇ ବିଦା କଲା । ମା'ର ମନଟା ବି ଟିକେ ବୁଝିଲାଣି । 'ଗାଡ଼ି ଛାଡ଼ିଦେଲିଣି ବାବୁ, ପଇସା କିଛି ଅଛି । ଔଷଧ କିଣିବାକୁ ପଡ଼ିଲେ କିଣି ଆଣିବି ।' ବାପ କହିଲା । 'କିଛି କିଣିବାକୁ ପଡ଼ିବ ନାହିଁ ।' କହିଲେ ଡାକ୍ତର ବାବୁ, ଯଦିଓ ସେ ଜାଣିଥିଲେ ବଞ୍ଚିବାର ଆଶା ବହୁତ କମ୍, ତଥାପି ସେ ଚେଷ୍ଟା କରୁଥିଲେ । ଘଣ୍ଟାଏ ପାଖାପାଖି ଗଲା । ସାଲାଇନ୍ ଅଧା ସରିଲା । ପିଲାଟିର ନିଶ୍ୱାସ ଅଟକିଗଲା, ଆଉ ଫେରିଲାନାହିଁ । ଡାକ୍ତର ବାବୁ ବଡ଼ ଦୁଃଖରେ କହିଲେ ପିଲାଟି ଆଉ ନାହିଁ । ରୁଦ୍ଧ ହୋଇଥିବା କୋହ ହଠାତ୍ ଉଛୁଳିଗଲା ମା'ର । ଅସହାୟତାର ଚରମ ସୀମାରେ ପହଞ୍ଚିଗଲା ବାପ । 'ମୁଁ କହୁଥିଲି ବାବୁ ବଞ୍ଚି ଥାଉଥାଉ ପିଲାକୁ ଛାଡ଼ିଦିଅ ବୋଲି । ଏବେ ଆମେ କ'ଣ କରିବୁ, କେମିତି ଯିବୁ ।' ଡାକ୍ତର ବାବୁ ଗାଡ଼ିଟିଏ ପାଇଁ ଫୋନ୍ କଲେ କାହା କାହା ପାଖକୁ । କେହି ଫୋନ୍ ଉଠେଇଲେନାହିଁ । ରାତି ଅଧରେ କିଏ ବା କାହିଁକି ଫୋନ୍ ଉଠାନ୍ତା । ପିଲାଟିର ଦେହରେ ଲାଗିଥିବା ନଳୀ ସବୁକୁ ଖୋଲିବାକୁ ଦିଦିକୁ କହି ବାପକୁ କହିଲେ 'ଟିକିଏ ଅପେକ୍ଷା କର, ମୁଁ ଗାଡ଼ି ଆଣି ଆସୁଛି ।' ଗାଡ଼ି ଆସିଲା । ସମସ୍ତଙ୍କୁ ଗାଡ଼ିରେ ବସିବାକୁ କହି ଡାକ୍ତର ବାବୁ ଗାଡ଼ି ଷ୍ଟାର୍ଟ କଲେ । କେଭେ ଏମିତି ଗାଡ଼ିରେ ବସିନଥିବା ଲୋକ ଖୁବ୍ ସନ୍ତର୍ପଣରେ ଗାଡ଼ି ଭିତରେ ବସିଲେ । ପିଲାଟିକୁ ଗୋଡରୁ ମୁଣ୍ଡ ପର୍ଯ୍ୟନ୍ତ ଘୋଡ଼ାଇ କରି ପ୍ରାୟ କୋଡ଼ିଏ କିଲୋମିଟର ପିଚୁ ରାସ୍ତାରେ ଗଲା ପରେ ବାମ କଡ଼ରେ ଜଙ୍ଗଲ ଭିତରେ ଏକ ମାଟି ରାସ୍ତା ଆସିଲା । ସେ ରାସ୍ତାରେ ଗାଡ଼ି ଯିବା ବଡ଼ ଅଡୁଆ । ତଥାପି ବି ଗାଡ଼ି ଗଲା ଦୋହଲି ଦୋହଲି ଖାଲ, ଖମା ଢିପ ସବୁ ଡେଇଁ । 'ଏଇଠି ରଖିଦିଅ ବାବୁ, ଆଗକୁ ଆଉ ଗାଡ଼ି ଯିବନି । ଆମେ ଏଇଠୁ ଚାଲି ଚାଲି ଯିବୁ ।' ବାପ କହିଲା । ଆଗରେ ସ୍ୱଚ୍ଛ ପାଣିର ଧାରଟିଏ । ପାଣିରେ ପୂର୍ଣ୍ଣମୀ ଜହ୍ନର ପ୍ରତିବିମ୍ବ । ଧାର ସେପଟେ ଜଙ୍ଗଲ ଭିତରେ ପାଦଚଲା ରାସ୍ତାର କିଛି କିଛି ଅଂଶ ଦିଶୁଥିଲା ଜହ୍ନ ଆଲୁଅରେ । 'ଏଠାରୁ ଆଉ କେତେ ଦୂର ?' ଡାକ୍ତର ବାବୁ ପଚାରିଲେ ଷ୍ଟାର୍ଟ ବନ୍ଦ କରି । 'ସେଇ ଡଂଗର ତଳେ ଆମ ଘର ।' କହିଲା ବାପ । ସମସ୍ତେ ଓହ୍ଲାଇଲେ ଗାଡ଼ିରୁ । ମା'ର ଲୁହ ଝରିବା ବନ୍ଦ ହୋଇଯାଇଥିଲା ।' ତୁମେ ତ ବାବୁ ଚେଷ୍ଟା କଲ । ଆମ ଭାଗ୍ୟରେ ନଥିଲା । କହିଲା ମା' । ତା' କଥାରେ କୃତଜ୍ଞତାର ଭାବଟିଏ ଝରିପଡୁଥିଲା । ପିଲାଟିର ମୃତ୍ୟୁକୁ ଏପରି ଭାବରେ ଆଦରି ନେଇଥିଲେ ସେମାନେ । ଡାକ୍ତର ବାବୁ ଅଂଧାର ଭିତରେ କିଛି ପଇସା ବାପର ମୁଣାରେ ଭର୍ତ୍ତି କରିଦେଲେ ବନ୍ଧା ପକେଇଥିବା ଗାଇକୁ ମୁକୁଳାଇବା ପାଇଁ କହି କରି । ତାପରେ ଗାଡ଼ି ଷ୍ଟାର୍ଟ କଲେ । ଗାଡ଼ିର ଲାଇଟ୍ ଜଙ୍ଗଲ ଭିତରେ କିଛି ଦୂର ଆଲୋକିତ କରିଦେଲା । ସେଇ ଆଲୋକରେ ଦୁଇଟି ଜୀବନ୍ତ ଓ ଗୋଟିଏ ମୃତ ଆତ୍ମା ପାଣି ଧାର ଡେଇଁ ଆଗକୁ ବଢ଼ିଲେ । ଗାଡ଼ିର ଲାଇଟ୍ ଜଳୁଥିଲା ସେମାନେ ଅନ୍ଧାର ଭିତରେ ଜଙ୍ଗଲ ସାଥିରେ ମିଶିଯିବା ପର୍ଯ୍ୟନ୍ତ ।

## ଆତ୍ମନେପଦୀ

**ଆଦ୍ୟାଶା ମହାପାତ୍ର**



ସ୍ୱପ୍ନ ସାଥେ ଘୁରେ ସିନା ଆକଶ ପାତାଳ
ମନ ମୋର ନିତି ପ୍ରତି ଶଙ୍କାରେ ଆକୁଳ,
ହଜିଯିବ କେବେ କାଳେ ସଞ୍ଚିତ ସମ୍ପତ୍ତି
କପାଳରୁ ଲିଭି ଯିବ ସୌଭାଗ୍ୟର ଲିପି ॥

ଅରଜିଛି ଯେତେ ଯାହା ସମୃଦ୍ଧି ଗୌରବ
ବିଡ଼ମ୍ବିତ ମୃତ୍ୟୁ ପାଶେ ତୁଚ୍ଛ ବଇଭବ,
ଶିଖରରେ ଲୟ ସିନା ବିକେନ୍ଦ୍ରିକ ଧ୍ୟାନ
କାମନାରେ ବଶବର୍ତ୍ତୀ ତମାମ ଜୀବନ ॥

ପ୍ରତି କର୍ମେ ମୋ ନିହିତ ଗୂଢ଼ ଅଭିସନ୍ଧି
ସ୍ୱୀୟ ସ୍ୱାର୍ଥ ପୂରଣରେ ମତି ନିରବଧି,
ଅନାହୂତ ପଦପାତେ ଯାଥାର୍ଥ୍ୟ ଯାତନା
ଅନ୍ତର୍ହିତ ମୋ ପାଇଁ କା' ସଦିଚ୍ଛା କରୁଣା ॥

ପ୍ରାପ୍ତି ଅପ୍ରାପ୍ତି ନେଇ ମନରେ ଉଦ୍‌ବେଗ
କାହିଁ ଅନୁଭବ ହେବ ଦ୍ୟୋତନା ବିରାଗ,
ଆତ୍ମ ସମୀକ୍ଷାର ପାଇଁ ଭାବ ପ୍ରତିକୂଳ
ଦୁରୁହ ମୋ ପାଇଁ ଦୃଶ୍ୟ ସୁନ୍ଦର ସକାଳ ॥

ସତେ ମୁଁ ଥାପିଛି ପାଦ ଚୋରାବାଲି ପରେ
ରସାତଳଗାମୀ ମୁହିଁ ଭାଗ୍ୟ ମୋ ତିମିରେ,
ହରାଇ ବସିଛି ଆସ୍ଥା ଆଶା ଜିଜୀବିଷା
ଚାରିପଟେ ଶୂନ୍ୟତା ମୋ ଅଲଭ୍ୟ ଅଭୀପ୍ସା ॥

ନିରବ ନିଃଶବ୍ଦେ ଏବେ କାଟଇ ଜୀବନ
ଧସି ପଡ଼ିଛି ମୋ ଗର୍ବ ବୃଥା ଆସ୍ଫାଳନ,
ଅବଶେଷେ ହୋଇଅଛି ଚେତନା ଜାଗ୍ରତ
ସାହା ଏବେ ଏକା ସେହି ଜଗତର ନାଥ ॥

*ନୂଆପଡ଼ା, କଟକ*

## ପାଳଭୂତ ହାତରେ

**ଅନସୂୟା ପଣ୍ଡା**



ପାଳଭୂତ ହାତରେ ଛାଡିଦେଇ
ଏକର ଏକର କ୍ଷେତର ସୁରକ୍ଷା
ଆଖିବୁଜିଦେଲେ ମୌନତାରେ
କ'ଣ ଅମଳ କରିପାରିବା ଅକ୍ଷତ !

ସେ ମୋହମୁଦ୍ରାରେ ଉପବିଷ୍ଟ ଚୌକିଦାର
ହୀନମନ୍ୟତାରେ ଗଡେଇ ମିଛ ଲୁହ
ତମାମ ତନ୍ତ୍ର ପାଠ କରୁଛି ମୁଖସ୍ଥ
କେବେଠାରୁ ଗାଜା ଜିତିବାର ଇଚ୍ଛାରେ
ମୌଳିକ ପାପରେ ମଳିନ ଚିନ୍ତାଧାରାରେ ।

ଭଙ୍ଗା ଗଢା ଆରୋପ ପ୍ରତ୍ୟାରୋପ
ଏ ସବୁ ଆଦିମ ମନ୍ତ୍ର ଅସ୍ତ୍ରରେ କ'ଣ
ତିଆରିପାରିବ ଅକ୍ଷୁର୍ଣ୍ଣ ବିଶ୍ୱାସର ଅସ୍ତିତ୍ୱ
ଗଢିପାରିବ ଇନ୍ଦ୍ରଧନୁ ରଙ୍ଗରେ ୟୁକ୍ରେନ୍
ଚତୁରତାରେ ପାଳଭୂତର ଦବାନବା ଟାରିଫ
ନିଜନୋବେଲ ପାଇଁ ରଚିଲା ଭିନ୍ନ ଇତିହାସ ।



ପାରିବ ଯଦି ଗଢ ଗୋଟେ ବିଶ୍ୱ ପରିବାର
ପ୍ରକୃତିର ବଳିଷ୍ଠ ପୃଷ୍ଠଭୂମିରେ
କୁହୁଡ଼ିଆ ସମ୍ପର୍କକୁ ହଟେଇ ସଶକ୍ତ କର
ମନକୁ ହାତକୁ ପାଦତଳ ମାଟିକୁ ମଣିଷର
ଆଶଂସିତ ମୋହମୟ ପରିବେଶରେ ।

ସ୍ୱାଭିମାନରୁ ଆଞ୍ଜୁଳା ଆଞ୍ଜୁଳା ବାଣ୍ଟ
ଶ୍ରେଷ୍ଠତାର ଅଭିଷେକରେ ଗାଁଠୁ ସହର
ପୁନଶ୍ଚ କୃତ୍ରିମ ପୋଲିଓ ଅହମିକାରେ
ଆକ୍ରାନ୍ତ ନହେଉ ସିକନ୍ଦର ରୂପରେ
ସୁଜଳା ସୁଫଳା ଧରା ଆମର ।

*ବୁର୍ଲା, ସମ୍ବଲପୁର*
*ମୋ-୯୪୩୯୨୧୧୯୭୧*

## ତୁମେ-୧୨

**ବନଜା ବିଶ୍ୱାଳ**

ତୁମ ବିନା ଶୀତ ରାତି,
ଟିକେ ଅଧିକ ଶୀତୁଆ ଲାଗେ ।
କୋହଲା ପବନ ଓ ତୁମ ସ୍ମୃତି,
ଖୁବ୍ ଲଢନ୍ତି ମୋ ଆଖି ସାମ୍ନାରେ ।
କେବେ କୋହଲା ପବନ ହାରିଯାଏ,
ତ କେବେ ତୁମ ସ୍ମୃତି ଥକିଯାଏ ।
ମୁଁ କିନ୍ତୁ ତୁମକୁ ଜିତେଇବାକୁ,
ଖୁବ୍ ପ୍ରୟାସ କରିଚାଲେ.... ।
ସେ ଦୁଷ୍ଟ ଥଣ୍ଡା ପବନଟା,
ଅଧିକ କ୍ରୁର ହେଇ ଜାବୁଡି ଧରେ ।
ସେ ଦୂରତାକୁ ମାପିବାକୁ,
ହାତ ବଢାଏ ମୁଁ ଅବୋଧ ଶିଶୁ ପରି ।
କାଳେ ଛୁଇଁ ପାରିବି ତୁମକୁ,
ବା' ତୁମର ସେ ସମସ୍ତ ସ୍ମୃତିକୁ ।
ଥଣ୍ଡା ପବନର ଥଣ୍ଡାପଣ,
ବଢି ଚାଲିଥାଏ ସଇତାନ୍ ପରି ।
ମୁଁ ଶିଥିଳ, ନିସ୍ତେଜ ହେଇ,
ପୁଣି କାନ୍ଦି ପକାଏ ଅବୋଧ ଶିଶୁପରି ।
ନିଜକୁ ସାନ୍ତ୍ୱନା ଦେଇ ରହିଯାଏ,
ତୁମକୁ ଜିତେଇବାକୁ ଲଢୁଥାଏ ।
ତୁମ ବିନା ଶୀତ ରାତି,
ଟିକେ ଅଧିକ ଶୀତୁଆ ଲାଗେ ।

*ଭାଣପୁର, ଗୋପାଳପୁର, କଟକ*
*ମୋ-୮୧୪୪୫୫୭୪୬୧*

## ବାପା

**ସତ୍ୟନାରାୟଣ ପ୍ରଧାନ**



ତୁମେ ଶିଖାଇଛ ଚାଲିବାକୁ ବାଟ
ସତ୍ୟକୁ ସାରଥୀ କରି
ଅଧା ବାଟେ ମୋତେ କାହିଁ ଛାଡିଗଲ
ଡାକିଲେ ନ ଆସ ଫେରି ॥

ମେଳା ଯାତରାରେ ତୁମ ସାଥେ ବୁଲି
ହେଇଥିଲି କେତେ ଖୁସି
କିଛି ନ କିଣି ବି ପାଇଥିଲି ସବୁ
ଭାବିଲେ ଲାଗୁଛି ଖୁସି ॥

ଭଲ ମଣିଷଟେ ହେବି ବୋଲି ଦିନେ
ସାରିଲ ସବୁ ଆୟୁଷ
ଅଦିନ ମେଘରେ ହଜିଗଲ ଦୂରେ
କ୍ଷମା ଦେବ ଥିଲେ ଦୋଷ ॥

ସ୍ମୃତି ଯାହା ଖାଲି ବଞ୍ଚିବା ପାଇଁକି
ସାକ୍ଷୀ ତ ସେଇ ଅତୀତ
ଛିଣ୍ଡା ପାଇଜାମା ଲୁଚାଇ ପିନ୍ଧିଛ
ସାତ ସିଆଁ ଦୁଇ ହାତ ॥

ହଜିଲା ଦରବ ଦେଇଅଛ ଖୋଜି
ତୁମେ ବାପା ଯାଦୁଗର
ଯେତେ ଜାଣିଲେ ବି ଫେରିବନି ଆଉ
ଡାକୁ ଥିବି ବାରମ୍ବାର ॥

*ଅଣ୍ଡିଆ, ଯାଜପୁର*
*ମୋ-୯୧୭୮୩୧୩୬୪*

## ଅବ୍ୟକ୍ତ ମନ

**ଡ. ଚନ୍ଦ୍ରକଳା ନାୟକ**



ଅନେକ ବେଳେ ମନଟା ଶୋଇଯାଏ
ଅଧାଗଢା କବାଟ ନଥିବା ଘରେ
ଆଶାର ଆବରଣ ଭିତରେ
ଉନ୍ମୁକ୍ତ ଆକାଶର ଅନ୍ଧାରୀ ଶେଯରେ
ଭଣ୍ଡ ସନ୍ୟାସୀମାନେ ସ୍ୱପ୍ନ ବୁଣିବା
ଓ ପୁରା କରୁଥିବାର ମନ୍ତ୍ର ପଢୁଥିବା ବେଳେ
ଜୀବନର ମଧୁର ଛନ୍ଦ ତୋଳି
ରାତ୍ରିକ ପାଇଁ ମିଳନର ମଧୁଶଯ୍ୟା
ତିଆରିବା ବେଳେ ।
ମନ ପାଇଁ ରାତ୍ରିଟିଏ ହିଁ ସର୍ଜନାର କାଳ
ସେ ହେଉ ଚିକ୍କଣିଆ ଯୌବନ
କିମ୍ବା ପାଉଁସିଆ ପ୍ରେମ
ଭୁଲତାର ଛିଟା ମଧ୍ୟରେ ହାଡୁଆ ହାତ ଭିତରେ
ଛନ୍ଦିହୁଏ ଅନେକବାର, ବାରବାର
ଛଳନାର ଅନୁପାତ ସବୁ ମାପିବାକୁ ।
ଭାବର ଅନ୍ୱେଷଣ କରିଚାଲିଥାଏ
ବଂଚିବାର ରାହା ଖୋଜି ଖୋଜି
କେତେବେଳେ ମୁକ୍ତ ପ୍ରଜାପତି ତ
ପୁଣି ମହୁ ଫେଣାର ସନ୍ଧାନରେ
ଠିକ୍ ରାଣୀ ମାଛିର ସଙ୍ଗୀତ ଛନ୍ଦରେ ।
ରେ ମନ ତୁ ତ ଅବ୍ୟକ୍ତ ଅନନ୍ତ
ଆକାଶରେ କାରୁକାର୍ଯ୍ୟ କରି ଗଢିତୋଳୁ
ନିଜ ସାମ୍ରାଜ୍ଞୀ ପାଇଁ କେତେ କେତେ ଭଗ୍ନସ୍ତୁପ
ଈଶ୍ୱରଙ୍କ ପଥରୁଦ୍ଧ କରି ରଚି ଚାଲୁ
ନିଶ୍ୱାସର ପାରାବାର ମଧ୍ୟେ
ମାୟା ଓ ମୋହର କ୍ଲାସିକ ସଂଳାପ ।
ତୁ ଏବେ ଦେଖାଦେଉ ଭୋଗବାଦୀ ରୂପେ
ତୋ ପାଇଁ ଏବେ ପରା
ତ୍ୟାଗଭୂମୀ ଅପହଞ୍ଚ ଶବ୍ଦ
ତୁ ଖାଲି କଳ୍ପନାରେ ଘୁରିବୁଲୁ
ନିଜ ସତ୍ତା ଭିତରେ ନିଜେ ବିଲୀନ ହୋଇ
ଥରୁଟିଏ ଅନ୍ତରକୁ ଫେଡି ଦେଖ
ବିବେକର କଷଟି ପଥର ମଧ୍ୟରେ
ତୋତେ ଅପେକ୍ଷା ରଖିଛି
ଏ ସୃଷ୍ଟିର ସକଳ ସମ୍ଭାର ।

*ଅଧାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର*
*ମୋ-୯୪୩୭୯୫୭୬୧୭*

## କବିତା ଗୋ ତୁମେ

**ବେଣୁଧର ସୂତାର**

ତୁମେ ହୃଦୟର ଅବ୍ୟକ୍ତ ଆବେଗ
କବି କଳ୍ପନାର ଝରା ପଦ୍ମରାଗ
କନକ ଚମ୍ପାର ବାସ
ଭରା ବଉଳର ମଧୁଝରା କଥା
ଫୁଲ ଫଗୁଣର ମନୋରମ ସତ୍ତା
ଭାବର ଅମିୟ ରସ ॥

ଭାବ ତରଙ୍ଗିଣୀ ରସ ନିର୍ଝରଣୀ
ବୀଣାଜିଣା ତୁମ ଅପୂର୍ବ ରାଗିଣୀ
ଭାବ ମାଧୁରୀର ଛନ୍ଦେ
ତୁମରି କୃପାରୁ ମୂର୍ଖ ହୁଏ ଜ୍ଞାନି
ସୃଜନ ଶିଳ୍ପୀର ପରିଚୟ ଘେନି
ସାଧନାର ଅନୁବନ୍ଧେ ॥

ସବୁଜ ସ୍ୱପ୍ନର ମୋହ ମହକରେ
ଭାବ ଦରିଆର ସୁଧାମୟ ଧାରେ
ଆତ୍ମୀୟତା ଆକର୍ଷଣେ
ଅସୀମ ଭାବର ଉପଲବ୍ଧି ତୁମେ
କଳ୍ପନା ବିଳାସୀ କବିର ମରମେ
ସମ୍ଭାବନା ଭର ପ୍ରାଣେ ॥

ତୁମେ ସାରସ୍ୱତ ସ୍ନିଗ୍ଧ ସମ୍ମୋହନ
ଭାବ ଉପବନେ ପ୍ରଜ୍ଞାର ପ୍ରସୂନ
ନିଖିଳ ହୃଦୟ ଜ୍ୟୋତି
ଜ୍ଞାନର ଆଗାର ପ୍ରଜ୍ଞା ପାରାବାର
କବି ଭାବନାର ଭାବ ରତ୍ନ ସାର
ମନୋରମ କଳା କୃତି ॥

ଅତୁଳ ଅରୂପା ତୁମେ ଦିବ୍ୟରୂପା
ବାଣୀବିପଣିର ଶବ୍ଦ ବ୍ରହ୍ମ ରୂପା
ତ୍ରିପୁର ଚମକ କଳା
ଆପଣା ପଣର ଆତ୍ମୀୟତା ସୁରେ
କବି କଲମର ଅମିୟ ନିର୍ଝରେ
ପ୍ରଜ୍ଞା ମୟୀ ଚାରୁଶୀଳା ॥

ନବ ସମ୍ଭାବନା ଭରେ ଉନ୍ମାଦନା
ଭାବମୟ ଦିବ୍ୟ ଲଳିତ ସର୍ଜନା
କବି କବିତାର ପ୍ରୀତି
କାବ୍ୟ କବିତାର ଅପୂର୍ବ ଝଙ୍କାରେ
ଭାଷା ସଂପ୍ରତିର ପ୍ରେମ ନିଳୟରେ
ତୁମେ ଗୋ ଲାବଣ୍ୟବତୀ ॥

*କେଶଦୁରାପାଳ, କେନ୍ଦୁଝର*
*ଦୂରଭାଷ-୯୧୭୮୫୬୮୨୪୬*

## କବି

**ରତ୍ନକାନ୍ତି ମିଶ୍ର**

କବି ବୁଝେ ସିନା ସ୍ୱୀୟ ଭାବାବେଗେ
କା' ହୃଦ ତଳର କଥା
ଲେଖନୀ ମୁନରେ ଫୁଟାଏ ତେଣୁ ସେ
ନିଷ୍ପେସିତର ବ୍ୟଥା ॥

କବି ଜାଳିପାରେ ବିଦ୍ରୋହର ବହ୍ନି
ଶୋଷିତର ନ୍ୟାୟ ପାଇଁ
କେବେ ହୁଏ ଅତ୍ୟାଚାରିତ ପଛେ
ପଛଘୁଞ୍ଚା ଦିଏ ନାହିଁ ॥

କାନ୍ଦି ଉଠେ ଯେବେ ପରାଣ ତାହାର
ଦେଖି ଅନ୍ୟାୟ ଅନୀତି
ସୃଜନୀ ତାହାର ଆଣି ଦେଇଥାଏ
ସମାଜ ବକ୍ଷରେ କ୍ରାନ୍ତି ॥

ପ୍ରେରଣା ପ୍ରବାହେ କରିପାରେ କବି
ଦୁନିଆକୁ ଜାଗରିତ
ତା'ର କବିତାର ଭାବାର୍ଥ ଉଚ୍ଛ୍ୱାସ
ଜୀଜୀବିଷା ପ୍ରଣୋଦିତା
ପାଠକକୁ କରେ ପ୍ରୀତ ॥

ଝରିପଡେ ସ୍ନେହ ପ୍ରୀତିର ନିର୍ଝର
କବି ଲେଖନୀରୁ ଛନ୍ଦେ
ସତେ ସେଇ ସୁଧା ବାରି କାହା ପାଇଁ
ମହୌଷଧି ବୁନ୍ଦେ ବୁନ୍ଦେ ॥

ପୃଥବୀ ମଙ୍ଗଳର କବିତାରେ କବି
ଆପେ ହୁଏ ନିୟୋଜିତ
ବିକଶିତ କରେ ସାହିତ୍ୟ ସମ୍ଭାର
ଶବ୍ଦେ କରି ଋଦ୍ଧିମନ୍ତ ॥

ସତ୍ୟ ସୂରୁଜର ସୁନେଲି ରଙ୍ଗରେ
କବିର ସୃଜନୀ ଝଳେ
ବିଚ୍ଛୁରିତ ସେଇ ଆନନ୍ଦ ଆଲୋକ
କୋଟିଏ ପ୍ରାଣରେ ଖେଳେ ॥

*ଆଳି, କେନ୍ଦ୍ରାପଡା*



## 'କେମିତି ଦେବି ପ୍ରତିଶୃତି'



**ଇନ୍ଦୁମତୀ ପାତ୍ର**

ରାତି କି ଅରାତି
କିଏ ଚୋରାଇ ନେଲା ସ୍ୱପ୍ନ
ଜଣା ନାହିଁ,
ଆଖି ଖୋଲିଲା ବେଳକୁ
ଭୋର ଗୋଟାଏ ସକାଳ
ଆବୋରି ବସିଛି ମୋ ଘର
ଅଗଣା, ଆଉ ଆଖି ଇଲାକାର
ଯେତେ ଯେତେ ବିଭବ ମାନଙ୍କୁ ।
ପୂର୍ବାଶା ମାଗୁଛି ପ୍ରତିଶୃତି
ଗୋଟାଏ ସୁସ୍ଥ ସମୟର,
ଯାହା ଦେଇ ପାରିବିନି ବୋଲି
କହିଛି କେତେ ଥର,
ହେଲେ ଅଝଟିଆ କୁନି ପୁଅ ପରି
ସେ ଜିଦ୍‌ରେ ଅଟଳ ।
ଏବେ ତ ମୋ ଅନ୍ତଃ କରଣରେ
ଅବିଶ୍ୱାସର ଝଡ଼
ସ୍ୟାଣ୍ଡି କି ଲଇଲାର ଭୟ,
ପାପକୁ ଡର ଆଉ ପାପୀଙ୍କୁ ବି ଡର,
ରୋଗକୁ ଡର ଆଉ
ରୋଗୀଙ୍କୁ ବି ଡର
ଚାରିଆଡ ସଂକ୍ରମିତ
ଗୋପନ ବ୍ୟଭିଚାର ।
ଏବେ ମନ୍ଦିର ଯିବାକୁ ଡର,
ସେଠି ଦିଅଁ ବଦଳରେ
ଦାନବଙ୍କ ଭିଡ଼,
ପୂଜା ଡାଲାରେ ନୈବେଦ୍ୟ
ନା ବୋମା ବିସ୍ଫୋରଣ,
କଳି ହୁଏନା-
ରକ୍ତ ଗୋଲାପ ସହ ଚିଠି
ପ୍ରେମର, ନା ଧର୍ଷିତାର ଇସ୍ତାହାର ।
ତେବେ କାହାକୁ ଦେବି ପ୍ରତିଶୃତି ?
ବିସ୍ଥାପିତଙ୍କୁ, ନା ଚାଷୀ ମୁଲିଆ ସଂଘକୁ,
ନା ନାରୀ ସୁରକ୍ଷା ସମିତିକୁ,
ଗୋଟାଏ ଜାଗିନଥିବା ଜାତିକୁ
କୋଉ ମୋହିନୀ ମନ୍ତ୍ରରେ
ବଶ କରିବି,
ନା ଇଚ୍ଛାବତୀ ପୁରର ଇଚ୍ଛା ମାନଙ୍କୁ
ନିର୍ବାସନ ଦେବି ।
ଏବେ ତ କୁଆଁରୀ ବଉଳ
ବିଛାଡି ପାରୁନି ବାସ
କି ରୂପବତୀ ଝିଅ
ଚହଟାଇ ପାରୁନି ହସ,
ଶେଷ ଗତି ସ୍ୱର୍ଗ ଦ୍ୱାର
ନା ଦଲାଲଙ୍କ ସାମ୍ରାଜ୍ୟ,
କୋଉଠି ଅଛି ଶାନ୍ତି ?
କିଏ ଦେବ ପ୍ରତିଶୃତି ?
ନିଜେ ଜଗନ୍ନାଥ ବି ସନ୍ଦିହାନ
କାଠ ପାଷାଣ ପରି
ମ୍ଳାନ ମଉନ ।

*ଗୌର ତୋଟା ସାହି, କେନ୍ଦୁଝର ଗଡ଼*
*ଫୋନ୍- ୯୮୬୧୬୪୯୦୨୯*

## ଅରଣ୍ୟରୁ ଜ୍ଞାନ-୩

**ଅଶୋକ ବିଶ୍ୱାଳ**



ଅରଣ୍ୟର ସୁରକ୍ଷିତ ବନ୍ଧନରେ
ହୃଦୟରେ କିଛି ଭୂକମ୍ପ ନଥିଲା
ମୋ ଭିତରେ ସବୁକିଛି ଶାନ୍ତ ରହିଥିଲା
ଅଚଳ ହୋଇ ମୁଁ ଠିଆ ହୋଇଥିଲି
ଶୁଣିଥିଲି,
ନିଘଞ୍ଚ ବନ ପ୍ରକୃତିର ଶ୍ରେଷ୍ଠ ନିଦର୍ଶନ
ଈଶ୍ୱରଙ୍କ ନିଜ କଳାକୃତି
ସତେ ଜାଣି କି ପାରିବି ?

ଦେଖିଲି ଘୋର ଅରଣ୍ୟରେ
ଜୀବନ ଚାରିଆଡ଼େ ହସି ଉଚ୍ଛୁଳୁଛି
ଈଶ୍ୱରଙ୍କ ସ୍ନେହର ପରଶ ସବୁଠି
ମଣିଷର ପଢ଼ା ଜ୍ଞାନ ବିଫଳ ହେଉଛି
ଚର୍ମଚକ୍ଷୁ ଟିକିଏ କମ ତ ଦେଖୁନି
ହୃଦୟରେ ଜନ୍ମର ପ୍ରଥମ ସ୍ପନ୍ଦନ ଖେଳୁଛି ।

ନିଘଞ୍ଚ ବନରେ
ପ୍ରତିଟି ଜୀବନ ନମ୍ର ଲାଗୁଅଛି

ଜୀବନର ବିଶୁଦ୍ଧତା,
ଶକ୍ତିର ଅକ୍ଷୟ ଉତ୍ସ,
ଅନୁଭବ କରିହେଉଅଛି,
କିନ୍ତୁ, ଠିକରେ କିଛି ବୁଝିହେଉନାହିଁ ।

ଜାଣିଲି,
ଅରଣ୍ୟ ଅଦ୍ଭୁତ,
ସବୁ ଉପାଦାନ ଲକ୍ଷ ବର୍ଷରେ ତିଆରି
ଅଦ୍ୱିତୀୟ କାରିଗରୀ,
ମଣିଷ ଯେଇମିତି ଚାହେଁ
ସେଇମିତି ବ୍ୟବଚ୍ଛେଦ କରିପାରବନି ।

ମନୁଷ୍ୟ ପ୍ରକୃତିର ଅତି କ୍ଷୁଦ୍ର ଅଂଶ
ପୂର୍ଣ୍ଣକୁ କେମିତି ଜାଣିବ
ତର୍କରେ ସମ୍ଭବ ହେବନି
ପ୍ରକୃତିର ନିୟମ ମାନିକି
ହୃଦୟରେ,
ଅରଣ୍ୟକୁ ଅନୁଭବ କରିବାର ଅଛି ।



## ହୃଦୟହୀନା

**ପ୍ରଶାନ୍ତ କୁମାର ନାୟକ**



ଆଖି ଖୋଜୁଥାଏ ଦେଖିବାକୁ ସ୍ୱପ୍ନ
ରାତି ଖୋଜୁଥାଏ ଦିନ,
ମନ ଖୋଜୁଥାଏ ଜୀବନ ସାଥିଟେ
ପାଇବାକୁ ଚିରଦିନ ॥

ପାଦ ପକେଇଛି କଣ୍ଟାର ବାଟରେ
କାହାକୁ ଦେବି ମୁଁ ଦୋଷ,
ଲୁହ ବାରି ଧାରେ ଏ ଦୁଇ ଆଖିରେ
ତଥାପି ମେଣ୍ଟୁନି ଶୋଷ ॥

ତୁମ ଓଠ ଆଖି ପାଗଳ କରିଲା
ତୁମକୁ ଦେଖିବାପାଇଁ,
ମୋ ମନ ଭିତରେ ଜାଗାଟିଏ ଅଛି
ତୁମକୁ ରଖିବା ପାଇଁ ॥

ହାତ ବଢେଇଲି କଣ୍ଟକିତ ଫୁଲେ
ଫୁଲର କି ଦେବି ଦୋଷ,
ହୃଦୟ ହୀନାକୁ ହୃଦେ ସାଇତିଲି
ଭରିଦେଲା ହୃଦେ ବିଷ ॥

*ୟୁନିଟ୍-୫, ଭୁବନେଶ୍ୱର*
*ଫୋନ୍- ୮୨୪୯୬୫୦୪୧୪*

## ନାରୀ

**ବିନୟ କୁମାର ମିଶ୍ର**

କାମୁକ ଭ୍ରମର ସଦ୍ୟ ପ୍ରସ୍ଫୁଟିତ ପୁଷ୍ପ ମଧୁ ଆଶେ ଧାଏଁ,
ଏ ଫୁଲୁ ସେ ଫୁଲେ ଘୁରି ଘୁରି ନିତି ମଧୁପାନ କରୁଥାଏ ।
କୋମଳ ପୁଷ୍ପର ରେଣୁ ଭରା ଦଳେ ଚୁମିଯାଏ ବାର ବାର,
ବୁଝେନାହିଁ କେବେ ହୃଦୟର ବ୍ୟଥା
ସୁଗନ୍ଧିତ ସେ ପୁଷ୍ପର ।
କବିବର ଭାଷେ ନାରୀ ଜଗତର ପୂଜନୀୟା ବନ୍ଦନିୟା,
ପୁରୁଷ ଚକ୍ଷୁରେ ଛଳନାମୟୀ ସେ
ରୂପେ ଦିଶେ କମନୀୟା ।
ରୂପ ଆକର୍ଷଣ ବୀଟକୁ କରଇ ହୃଦକୁ ଚିହ୍ନେ ପ୍ରେମିକ,
ଚରିତ୍ରକୁ ଚିହ୍ନେ ଉତ୍ତମ ପୁରୁଷ ଅଛି ଯାହାର ବିବେକ ।
କଟୁ ମଧୁରତା ସତ୍ୟ ଏ ଜଗତେ କେ ଚିହ୍ନେ ନାରୀକୁ ସତେ,
ରୂପକୁ ଦେଖି ଯେ ଆପଣାର କରେ
ରୂପ ଗଲେ ମାରେ ନାତେ ।
ହୃଦୟକୁ ଜାଣି ଆପଣାର କଲେ ସମୟ ସହ ବଦଳେ,
ବ୍ୟବହାର ଦେଖି ବଦଳାଏ ମନସନ୍ଦେହରେ ଅବା କାଳେ ।
ଚରିତ୍ରକୁ ଦେଖି ବୁଝି ଯେଉଁ ଜନ ଆପଣାର କରିଥାଏ,
ସୁଖେ ଦୁଃଖେ ତାର ପ୍ରାଣପ୍ରିୟା ହୋଇ
ସଦା କାଳ ରହିଥାଏ ।
ଏ ଚରମ ସତ୍ୟ ସମ୍ମାନ ସୁହାଗ ପ୍ରୀତି ଅନୁରାଗ ନେଇ,
ନାରୀକୁ ବାନ୍ଧିଛି ପ୍ରେମର ବନ୍ଧନେ ଉତ୍ତମ ପୁରୁଷ ସେହି ।
ଜନନୀ ଭଗିନୀ କନ୍ୟା ଜାୟା ପୁଣି ଜୀବନର ଚଲାପଥେ,
ଆକଟ ଆବଦ୍ଧ ଆସକ୍ତ ଆନନ୍ଦ ଦେଇଥାଏ ଅବିରତେ ।
ସୃଷ୍ଟି ସ୍ଥିତି ଲୟ ସ୍ଥାନେ ସେ ଅଭୟ ଅଫୁରନ୍ତ ଫଲ୍ଗୁ ଧାରା,
ଶତ କୋଟି ତାର ପଦେ ପ୍ରଣମୁଛି ଧରା ଅମୃତ ପସରା ।

*ମଲ୍ଲିପୁର ଗଡ଼ ନିଆଳ, ଖୋର୍ଦ୍ଧା*



31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୭ ଜାନୁଆରୀ, ଶନିବାର, ୨୦୨୬


# ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ ଭାରତୀୟ ହକି ଟିମ୍‌ର ଖେଳାଳି

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ଭାରତୀୟ ହକି ଟିମ୍‌ର ଖେଳାଳି ଶୁକ୍ରବାର ପୁରୀ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ହକି ଟିମର ପୂର୍ବତନ ଗୋଲକିପର ତଥା ଜୁନିୟର ଟିମ୍‌ର କୋଚ୍ ପି.ଆର ଶ୍ରୀଜେଶ ଏବଂ ଅନ୍ୟ ଖେଳାଳିମାନେ ଶ୍ରୀମନ୍ଦିର ରତ୍ନସିଂହାସନରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରି ଆଶୀର୍ବାଦ ଲାଭ କରିଛନ୍ତି। ପରେ ମା’ ବିମଳା, ଲକ୍ଷ୍ମୀ ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବାଦେବୀଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା କରିଛନ୍ତି। ଦର୍ଶନ ସାରି ଫେରିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଖେଳାଳିମାନଙ୍କୁ ଠାକୁରଙ୍କ ପ୍ରସାଦ ପ୍ରଦାନ କରାଯାଇଥିଲା। ମହାପ୍ରଭୁଙ୍କ ଦର୍ଶନ କରି ବେଶ୍ ଆନନ୍ଦିତ ଥିବା କହିଛନ୍ତି ଶ୍ରୀଜେଶ। ଭାରତୀୟ ହକି ଟିମକୁ ମହାପ୍ରଭୁ ମଙ୍ଗଳ କରନ୍ତୁ ସେନେଇ କାମନା କରିଛୁ ବୋଲି ଶ୍ରୀଜେଶ କହିଛନ୍ତି।



# ଆଜିଠୁ ଭୁବନେଶ୍ୱରରେ କଳିଙ୍ଗରେ ହକି ଇଣ୍ଡିଆ ଲିଗ୍

## ୧୭ରୁ ୨୨ ପର୍ଯ୍ୟନ୍ତ ଗ୍ରୁପ୍ ପର୍ଯ୍ୟାୟ, ୨୩ରୁ ୨୫ ନକ୍ ଆଉଟ୍ ଏବଂ ୨୬ରେ ଫାଇନାଲ ମ୍ୟାଚ୍

**ଭୁବନେଶ୍ୱର**

ଶନିବାର କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ ପୁରୁଷ ହକି ଇଣ୍ଡିଆ ଲିଗ୍ର (ଏଚ୍‌ଆଇଏଲ) ଶେଷ ପର୍ଯ୍ୟାୟ। ଶୀତୁଆ ସନ୍ଧ୍ୟାରେ ହକିର ଚମକ, ଦର୍ଶକ ହେବେ ମତୁଆଲା। ପ୍ରସ୍ତୁତି ଶେଷ ହୋଇଛି। ୧୭ ତାରିଖରେ ୨ଟି ମ୍ୟାଚ୍ ରହିଛି। ପ୍ରଥମ ମ୍ୟାଚ୍ ବେଙ୍ଗଲ ଟାଇଗର୍ସ ଓ ହାଇଦ୍ରାବାଦ ତୁଫାନ୍ସ ମଧ୍ୟରେ ଏବଂ ଦ୍ୱିତୀୟ ମ୍ୟାଚ କଳିଙ୍ଗ ଲାନସର୍ସ ଓ ଦିଲ୍ଲୀ ଏସଜି ପାଇପର୍ସ ମଧ୍ୟରେ ଖେଳାଯିବ।

ଚେନ୍ନାଇ ପରେ ଏବେ ରାଞ୍ଚିରେ ଏଚ୍‌ଆଇଏଲର ଦ୍ୱିତୀୟ ପର୍ଯ୍ୟାୟ ଖେଳାଯାଉଛି। ୧୬ ତାରିଖରେ ରାଞ୍ଚି ରୟାଲ୍ସ ଓ ସୁରମା ହକି କ୍ଲବ ମଧ୍ୟରେ ଶେଷ ମ୍ୟାଚ୍ ଖେଳାଯାଇଥିଲା। କଳିଙ୍ଗ ଷ୍ଟାଡିୟମରେ ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ ଗ୍ରୁପ୍ ପର୍ଯ୍ୟାୟ, ୨୩ରୁ ୨୫ ନକ୍ ଆଉଟ୍ ଏବଂ ୨୬ ତାରିଖରେ ଫାଇନାଲ ମ୍ୟାଚ୍ ରହିଛି।



ଗତ ବର୍ଷ ଭୁବନେଶ୍ୱର ପରିବର୍ତ୍ତେ ରାଉରକେଲାରେ (ବିର୍ସା ମୁଣ୍ଡା ଷ୍ଟାଡିୟମ) ଏଚ୍‌ଆଇଏଲର ମ୍ୟାଚ ଗୁଡ଼ିକ ଖେଳାଯାଇଥିଲା। କିନ୍ତୁ ଏଥର କେବଳ ଭୁବନେଶ୍ୱରରେ ଖେଳାଯିବ। ଓଡ଼ିଶାରୁ କଳିଙ୍ଗ ଲାନସର୍ସ ପୂର୍ବ ସଂସ୍କରଣରେ ଓଡ଼ିଶାରୁ ୨ଟି ଦଳର ମାଲିକ ଥିଲେ। କିନ୍ତୁ ଏଥର କେବଳ ବେଦାନ୍ତ କଳିଙ୍ଗ ଲାନସର୍ସ ଖେଳୁଛି। କଳିଙ୍ଗ ଲାନସର୍ସ ଏ ପର୍ଯ୍ୟନ୍ତ ୪ଟି ମ୍ୟାଚ ଖେଳି ୧୧ ପଏଣ୍ଟ ପାଇ ଟେବୁଲରେ ଶୀର୍ଷ ସ୍ଥାନରେ ରହିଛି।

ଏଚ୍‌ଆଇଏଲର ପ୍ରଥମ ପର୍ଯ୍ୟାୟ ୨୦୧୪ରୁ ୨୦୧୭ ସଂସ୍କରଣ ପର୍ଯ୍ୟନ୍ତ ଖେଳାଯାଇଥିଲା। ୨୦୧୭ରେ ଦଳ ଚାମ୍ପିଅନ ହୋଇଥିଲା। ଏହାପରେ ଏଚଆଇଏଲ୍ ସ୍ଥଗିତ ରହିଥିଲା। ପୁଣି ଗତ ବର୍ଷଠୁ ନୂଆ ରୂପରେ ଆରମ୍ଭ ହୋଇଛି। କିନ୍ତୁ ଲାନସର୍ସ ପୂର୍ବ ମାଲିକାନାରେ ନାହିଁ। ବେଦାନ୍ତ କିଣିବା ପରେ ଏହାର ନୂଆ ନାମ ବେଦାନ୍ତ କଳିଙ୍ଗ ଲାନସର୍ସ ନାମରେ ଖେଳୁଛି। ଭୁବନେଶ୍ୱରରେ ପୂର୍ବରୁ ହକି ଇଣ୍ଡିଆ ଲିଗ୍ ଏବଂ ଅନ୍ୟାନ୍ୟ ଇଭେଣ୍ଟକୁ ନେଇ ଯେଉଁ ଉତ୍ସାହ ରହିଥିଲା, ଏଥର ମଧ୍ୟ ସମାନ ଉତ୍ସାହ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି। ମାଗଣା ଟିକେଟ୍ ସଂପୂର୍ଣ୍ଣ ମାଗଣାରେ ଦର୍ଶକ କଳିଙ୍ଗ ଷ୍ଟାଡିୟମରେ ଏଚ୍‌ଆଇଏଲର ମ୍ୟାଚ୍‌ଗୁଡ଼ିକ ଦେଖିବାକୁ ପାଇବେ। ଷ୍ଟାଡିୟମରେ ପ୍ରବେଶ ପାଇଁ କିନ୍ତୁ ଦର୍ଶକଙ୍କୁ ticketgenieରେ ଟିକେଟ୍ ବୁକ କରିବାକୁ ହେବ। ଷ୍ଟାଡିୟମରେ ପ୍ରବେଶ ସମୟରେ ଏହାକୁ ଦେଖାଇବାକୁ ପଡ଼ିବ।

# ସର୍ବ ଭାରତୀୟ ବେସାମରିକ କବାଡ଼ି ଓ ହକି ପ୍ରତିଯୋଗିତା ପାଇଁ ଓଡ଼ିଶା ଖେଳାଳି ଚୟନ ୧୮ରେ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କବାଡି ଗ୍ରାଉଣ୍ଡ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ସେକ୍ଟର-୪୨, ଚଣ୍ଡିଗଡ଼ ଠାରେ ହେବାକୁ ଥିବା ସର୍ବ ଭାରତୀୟ ବେସାମରିକ କବାଡି ପ୍ରତିଯୋଗିତା ଆସନ୍ତା ୯ ଫେବୃୟାରୀ ଠାରୁ ୧୪ ଫେବୃୟାରୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିପରି ସିଜିଏସଏସଏସ, ଝିଲିମିଲ, ଏସବିଭି, ଅଶୋକ ନଗର, ଜିବିଏସଏସଏସ ଘୁମାନ ହେରା, ଆଇଏନଏ, ନୂଆଦିଲ୍ଲୀ ଠାରେ ହେବାକୁ ଥିବା ସର୍ବ ଭାରତୀୟ ବେସାମରିକ ହକି ପ୍ରତିଯୋଗିତା ଆସନ୍ତା ୧୭ ଫେବୃୟାରୀ ଠାରୁ ୨୮ ଫେବୃୟାରୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଖେଳାଳି ଚୟନ ପ୍ରକ୍ରିୟା (ପୁରୁଷ ଓ ମହିଳା) ଆସନ୍ତା ଜାନୁଆରୀ ୧୮(ରବିବାର), ସକାଳ ୧୦ ଟାରେ ପୋଖରୀପୁଟ ହକି ଷ୍ଟାଡିୟମ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ।

ଏହି ପ୍ରତିଯୋଗିତାରେ କେବଳ ନିୟମିତ ସରକାରୀ ଚାକିରିରେ ଥିବା କର୍ମଚାରୀମାନେ ଭାଗ ନେଇପାରିବେ। ଏହି ଖେଳରେ ଯେଉଁମାନେ ଭାଗ ନେବାକୁ ଚାହାନ୍ତି, ସେମାନେ ନିଜର ସେବା ପୁସ୍ତିକାର ପ୍ରଥମ ପୃଷ୍ଠା, ବିଭାଗ ବା ଅଫିସ ପରିଚୟ ପତ୍ର ସହ ଏକ ପାସପୋର୍ଟ ଫଟୋ ଏବଂ ନିଜର ବିଭାଗ ବା ଅଫିସରୁ “ନୋ ଅବଜେକସନ ସାର୍ଟିଫିକେଟ” ସାଙ୍ଗରେ ଆଣି ଉକ୍ତସ୍ଥାନରେ ନିର୍ଦ୍ଧାରିତ ସମୟରେ ପଞ୍ଜିକରଣ କରି ଚୟନ ପ୍ରକ୍ରିୟାରେ ଭାଗ ନେଇ ପାରିବେ। ଅଧିକ ବିବରଣୀ ପାଇଁ ହର ପ୍ରସାଦ ବିଶ୍ୱାଳ (୯୪୩୭୨ ୨୮୬୮୭), ଆନନ୍ଦ କୁମାର ସୋରେଙ୍ଗ (୭୬୦୮୯୫୭୧୪୭), ଦେବୀ ପ୍ରସାଦ ଦାସ(୯୪୩୮୫୦୬୧୬୮) ଏବଂ ଦେବରାଜ ନାୟକ (୯୧୭୮୩୨୧୯୦୧)ଙ୍କୁ ଯୋଗାଯୋଗ କରିପାରିବେ ବୋଲି ଓଡ଼ିଶା ସଚିବାଳୟ କର୍ମଚାରୀ ଆଥଲେଟିକ୍ ଆସୋସିଏସନ୍ ସଂପାଦକ ନୃସିଂହ ଚରଣ ପୃଷ୍ଟି ଜଣାଇଛନ୍ତି।

## କଳିଙ୍ଗ ଷ୍ଟାଡିୟମରେ ଦଶମ ସବ୍-ଜୁନିୟର ଜାତୀୟ ରଗ୍‌ବୀ ସେଭେନ୍ସ ଚାମ୍ପିଅନସିପ୍‌ର ଶୁଭାରମ୍ଭ

# ପ୍ରଥମ ଦିବସରେ ଓଡ଼ିଶା ବାଳିକା ଦଳର ଦମଦାର ବିଜୟ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ରଗ୍‌ବୀ ଇଣ୍ଡିଆ ଏବଂ ଓଡ଼ିଶା ଷ୍ଟେଟ୍ ରଗ୍‌ବୀ ଆସୋସିଏସନ୍‌ର ମିଳିତ ସହଯୋଗରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଶୁକ୍ରବାର ଠାରୁ ‘ଦଶମ ସବ୍-ଜୁନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନସିପ୍-୨୦୨୫’ ଆରମ୍ଭ ହୋଇଛି। ଉଦ୍‌ଘାଟନ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଜାତୀୟସ୍ତରୀୟ କ୍ରୀଡ଼ା ମହାକୁମ୍ଭର ଶୁଭାରମ୍ଭ କରିଛନ୍ତି।



ଭାରତୀୟ ରଗ୍‌ବୀ ଦଳର ଉପ-ଅଧିନାୟିକା ତଥା ଓଡ଼ିଶାର ତାରକା ଖେଳାଳି ଡୁମୁନି ମାର୍ଣ୍ଡି ଚାମ୍ପିଅନସିପ୍ ଟ୍ରଫିକୁ ପଡ଼ିଆକୁ ନେଇ ସ୍ଥାପନା କରିବା ପରେ ସମସ୍ତ ୨୪ଟି ପ୍ରତିଯୋଗୀ ଦଳର ଅଧିନାୟିକାମାନେ ଜଣକ ପରେ ଜଣେ ପଡ଼ିଆ ମଧ୍ୟକୁ ପ୍ରବେଶ କରିଥିଲେ। ସେମାନଙ୍କର ଏହି ପ୍ରବେଶ ଖେଳାଳିଙ୍କ ମଧ୍ୟରେ ଥିବା ଏକତା, ଶୃଙ୍ଖଳା ଓ ପ୍ରତିଯୋଗିତା ମୂଳକ ମନୋଭାବକୁ ଦର୍ଶାଇଥିଲା। ନିୟମ ଅନୁଯାୟୀ, ଆୟୋଜକ ଦଳର ପ୍ରତିନିଧି ଭାବେ ଓଡ଼ିଶା ଦଳର ଅଧିନାୟିକା ସର୍ବ ଶେଷରେ ପଡ଼ିଆକୁ ପ୍ରବେଶ କରିଥିଲେ। ଏହି ଅବସରରେ ଭାରତୀୟ ରଗ୍‌ବୀ ଫୁଟବଲ୍ ୟୁନିୟନ (ଆଇଆରଏଫୟୁ)ର ସମ୍ପାଦକ ଜେରାଲ୍ଡ ପ୍ରଭୁ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଉଦ୍‌ଘାଟନ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଦଭ, କ୍ରୀଡ଼ା ନିର୍ଦ୍ଦେଶକ ଡା. ୟେଦୁଲା ବିଜୟ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ଓ ବିଜୟ କୁମାର ସ୍ୱାଇଁଙ୍କ ସମେତ ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘର ଉପ ସଭାପତି ଉପେନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ।

କଳିଙ୍ଗ ଷ୍ଟାଡିୟମଠାରେ ଶୁକ୍ରବାର ଠାରୁ ୧୫ ବର୍ଷରୁ କମ୍ ବାଳିକା ବର୍ଗର ପ୍ରତିଯୋଗିତା ସହିତ ଏହି ଚାମ୍ପିଅନସିପ୍ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ୨୪ଟି ରାଜ୍ୟ ଦଳ ମଧ୍ୟରେ ଉଚ୍ଚକୋଟୀର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଦେଖିବାକୁ ମିଳିଥିବା ବେଳେ ଓଡ଼ିଶା, ମହାରାଷ୍ଟ୍ର ଏବଂ ବିହାର ପରି ଶକ୍ତିଶାଳୀ ଦଳଗୁଡ଼ିକ ଚମତ୍କାର ପ୍ରଦର୍ଶନ କରି ପ୍ରତିଯୋଗିତାର ଆରମ୍ଭରୁ ନିଜର ଆଧିପତ୍ୟ ଜାହିର କରିଛନ୍ତି। ଖେଳାଳିମାନଙ୍କ କଠିନ ପରିଶ୍ରମକୁ ପ୍ରତିଫଳିତ କରୁଥିବା ବେଳେ ଷ୍ଟାଡିୟମରେ ଉପସ୍ଥିତ ୨,୦୦୦ରୁ ଅଧିକ ଦର୍ଶକଙ୍କ କରତାଳି ଓଡ଼ିଶାରେ ରଗ୍‌ବୀ ପ୍ରତି ବଢୁଥିବା ଆଗ୍ରହକୁ ପ୍ରମାଣିତ କରିଛି।

ଆୟୋଜକ ରାଜ୍ୟ ଓଡ଼ିଶା ନିଜ ମାଟିରେ ପ୍ରଭାବଶାଳୀ ପ୍ରଦର୍ଶନ କରି ‘ପୁଲ୍-ଡି’ରେ ଉତ୍ତରପ୍ରଦେଶକୁ ୩୫-୦ ଏବଂ ରାଜସ୍ଥାନକୁ ୨୮-୦ ବ୍ୟବଧାନରେ ପରାସ୍ତ କରି ଅପରାଜେୟ ରହିଛି। ପ୍ରଥମ ଦିବସରେ ଓଡ଼ିଶା ବାଳିକା ରଗ୍‌ବୀ ଦଳ ଏହି ଦମ୍‌ଦାର ବିଜୟ ଯାତ୍ରା ଆରମ୍ଭ କରିଛି। ଦଳର ଶୃଙ୍ଖଳିତ ଆକ୍ରମଣ ଓ ଦୃଢ଼ ରକ୍ଷଣାଭାଗ ସହିତ ଖେଳାଳି ମାନଙ୍କ କଠିନ ପରିଶ୍ରମ ଓ ଉତ୍ତମ ସମନ୍ୱୟ ଯୋଗୁଁ ଆଜି ଖେଳାଯାଇଥିବା ଉଭୟ ମ୍ୟାଚ୍‌ରେ ଓଡ଼ିଶା ଏହି ବୃହତ ବିଜୟ ହାସଲ କରିଛି। ଘରୋଇ ମାଟିରେ ଦଳର ଏଭଳି ଦବଦବା ଖେଳାଳିଙ୍କ ମନୋବଳକୁ ଦ୍ୱିଗୁଣିତ କରିଥିବା ବେଳେ ସେମାନେ ନିଜର ବିଜୟ ଧାରା ବଜାୟ ରଖି ଚାମ୍ପିଅନସିପ୍ ଲଢ଼େଇରେ ଶୀର୍ଷରେ ରହିବା ପାଇଁ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସୀ ଅଛନ୍ତି।

ସେହିପରି ଗତବର୍ଷର ଚାମ୍ପିଅନ ମହାରାଷ୍ଟ୍ର ‘ପୁଲ୍-ଏ’ରେ ଆସାମକୁ ୩୩-୦ ଏବଂ ଜମ୍ମୁ-କଶ୍ମୀରକୁ ୪୦-୦ରେ ହରାଇଥିବା ବେଳେ ଗତବର୍ଷର ରନର୍ସ-ଅପ୍ ବିହାର ‘ପୁଲ୍-ବି’ରେ ଝାଡ଼ଖଣ୍ଡକୁ ୬୭-୦ ଏବଂ ମଣିପୁରକୁ ୬୪-୦ ଭଳି ବୃହତ ବ୍ୟବଧାନରେ ପରାସ୍ତ କରିଛି। ଦିଲ୍ଲୀ ‘ପୁଲ୍-ସି’ରେ ଆନ୍ଧ୍ରପ୍ରଦେଶ ଓ ଉତ୍ତରାଖଣ୍ଡକୁ ହରାଇ ଶୀର୍ଷରେ ରହିଥିବା ବେଳେ ପଶ୍ଚିମବଙ୍ଗ ଏବଂ କେରଳ ‘ପୁଲ୍-ଇ’ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଅନ୍ୟପଟେ ‘ପୁଲ୍-ଏଫ୍’ରେ ଗୁଜରାଟ ଓ ଚଣ୍ଡିଗଡ଼, ‘ପୁଲ୍-ଜି’ରେ ଡି.ଏନ୍.ଏଚ୍.ଡି.ଡି ଏବଂ ‘ପୁଲ୍-ଏଚ୍’ରେ କର୍ଣ୍ଣାଟକ ଓ ଛତିଶଗଡ଼ ବିଜୟ ହାସଲ କରିଛନ୍ତି।

ବାଳକ ଓ ବାଳିକା ଉଭୟ ବିଭାଗରେ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ଦେଶର ୨୪ଟି ରାଜ୍ୟର ୫୫୦ରୁ ଅଧିକ ୧୫ ବର୍ଷରୁ କମ୍ ବୟସର ରଗ୍‌ବୀ ଖେଳାଳି ଅଂଶଗ୍ରହଣ କରିଛନ୍ତି। ‘ବାଳିକା ସବ୍-ଜୁନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନସିପ୍’ ଶୁକ୍ରବାର ଆରମ୍ଭ ହୋଇ ଶନିବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ବେଳେ ‘ବାଳକ ସବ୍-ଜୁନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନସିପ୍’ ଜାନୁଆରୀ ୨୦ ଓ ୨୧ ତାରିଖରେ ଆୟୋଜନ କରାଯିବ। ଖେଳାଳିମାନଙ୍କ ପାଇଁ ରହିବା ଠାରୁ ଆରମ୍ଭ କରି ଉଚ୍ଚକୋଟୀର ଆତିଥେୟତା ଏବଂ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି।

ଓଡ଼ିଶା ଆଜି ଭାରତର ରଗ୍‌ବୀ ଇକୋସିଷ୍ଟମକୁ ସମର୍ଥନ କରୁଥିବା ଏକ ପ୍ରମୁଖ ରାଜ୍ୟ ଭାବେ ଉଭା ହୋଇଛି, ଯାହା କେବଳ ତୃଣମୂଳ ସ୍ତରର ପ୍ରତିଭାଙ୍କୁ ବିକଶିତ କରୁନାହିଁ, ବରଂ ଜାତୀୟ ଦଳକୁ ଶ୍ରେଷ୍ଠ ଖେଳାଳି ପ୍ରଦାନ କରିଆସୁଛି। ‘ରଗ୍‌ବୀ ଇଣ୍ଡିଆ’ ସହିତ ଘନିଷ୍ଠ ଭାବେ କାର୍ଯ୍ୟ କରି ଓଡ଼ିଶା ସରକାର ଅନେକ ପ୍ରମୁଖ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରି କ୍ରୀଡ଼ା କ୍ଷେତ୍ରରେ ଏକ ବିଶ୍ୱସନୀୟ ପରମ୍ପରା ସୃଷ୍ଟି କରିଛନ୍ତି।

# ଜାତୀୟ ପୋଲିସ୍ ଖେଳ ପ୍ରତିଯୋଗିତା : ବାସ୍କେଟ ବଲ୍ ପାଇଁ ଓଡ଼ିଶାରୁ ୭ ରେଫରୀ ମନୋନୀତ

ଭୁବନେଶ୍ୱର, ୧୫ ଜାନୁୟାରୀ (ହି.ସ)- ଜାତୀୟ ପୋଲିସ୍ ଖେଳ ପ୍ରତିଯୋଗିତା ନିମନ୍ତେ ବାସ୍କେଟବଲ ଖେଳ ପାଇଁ ଓଡ଼ିଶାରୁ ୭ ଜଣ ରେଫରୀ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଶିଶିର ରଞ୍ଜନ ପଟ୍ଟନାୟକ, ସଂଗ୍ରାମ ନାୟକ, ସୁଧିର୍ ରଞ୍ଜନ ପରିଡ଼ା, ଭି. ନାଗେଶ୍ୱର ରାଓ, ଜୁବେର୍ ଅଲୀ ଖାନ୍, ରଞ୍ଜିତ୍ ନାୟକ ଓ ମହମ୍ମଦ ସାହାବାଜ୍ ଖାନ୍। ପଶ୍ଚିମବଙ୍ଗର ସିଲୁଗୁଡି ସହରରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ପୋଲିସ୍ ଖେଳ ପ୍ରତିଯୋଗିତା ନିମନ୍ତେ ଓଡ଼ିଶାରୁ ଏହି ୭ ଜଣ ରେଫରୀ ମନୋନୀତ ହୋଇଛନ୍ତି। ପ୍ରତିଯୋଗିତା ୧୯ ତାରିଖରୁ ଆରମ୍ଭ ହୋଇ ଫେବୃୟାରୀ ୨୩ ତାରିଖରେ ଶେଷ ହେବ। ଶିଶିର ରଞ୍ଜନ ପଟ୍ଟନାୟକ, ସଂଗ୍ରାମ ନାୟକ, ସୁଧିର୍ ରଞ୍ଜନ ପରିଡ଼ା, ଭି. ନାଗେଶ୍ୱର ରାଓ, ଜବେର୍ ଅଲୀ ଖାନ୍ ଓଡିଶା ପୋଲିସରେ କାର୍ଯ୍ୟରତ କରୁଥିବା ବେଳେ ରଞ୍ଜିତ୍ ନାୟକ ଭୁବନେଶ୍ୱର ସ୍ଥିତ ଟିଏସ୍ ଜି ଗୁରୁକୁଳ ଶିକ୍ଷାନୁଷ୍ଠାନରେ କ୍ରୀଡା ପ୍ରଶିକ୍ଷକ ଭାବେ କାର୍ଯ୍ୟ କରନ୍ତି ଏବଂ ମହମ୍ମଦ ସାହାବାଯ ଖାନ୍ ଓଡ଼ିଶା ସରକାରଙ୍କ ଉର୍ଦ୍ଦୁ ବିଭାଗରେ କାର୍ଯ୍ୟ କରନ୍ତି। ସମସ୍ତ ୭ ଜଣ ରେଫରୀଙ୍କୁ ଓଡ଼ିଶା ବାସ୍କେଟବଲ ସଂଘର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ, ସଭାପତି ଜ୍ଞାନରଞ୍ଜନ ପରିଡ଼ା ଓ ରେଫରୀ ସଂଘର ମୁଖ୍ୟ ଶରତ ମହାପାତ୍ର ଶୁଭେଚ୍ଛା ଜଣାଇଛନ୍ତି।

# ପ୍ରଗତି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଘନସର୍‌ରେ ବାର୍ଷିକ କ୍ରୀଡ଼ା ଉତ୍ସବ




**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ପ୍ରଗତି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଘୁନସର୍ ଠାରେ ବିଦ୍ୟାଳୟ ସ୍ତରୀୟ ୨୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇ ଯାଇଛି। ଏହି ଅବସରରେ ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ଉପମୁଖ୍ୟମନ୍ତ୍ରୀଙ୍କ ଖପ୍ରାଖୋଲ ପ୍ରତିନିଧି ପଦ୍ମ ସିଂ କୁମାର ବରିହା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଖପ୍ରାଖୋଲ ଏବିଇଓ ତଥା ବିଆରସିସି ରୁଦ୍ରଦେବ ଷଡ଼ଙ୍ଗୀ, ବିଦ୍ୟାଳୟ ପରିଚାଳନା ସଭାପତି ବିକାଶ ଦାଶ, କମିଟି ସଦସ୍ୟ ଦାମୋଦର ସାହୁ, ସମାଜସେବୀ ଟେକେନ୍ଦ୍ର ଜାଲ, ଦେବରାଜ ପଧାନ, ଦୂତୀଆ ତରିଆ, ଜୟକୃଷ୍ଣ ସାହୁ ମଞ୍ଚାସୀନ ଥିଲେ। ସମସ୍ତ ଅତିଥିଙ୍କ ସହିତ ଉଚ୍ଚ ବିଦ୍ୟାଳୟ ତଥା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଘୁନସରର ଛାତ୍ର ଛାତ୍ରୀ ମିଶି ଘୁନସର୍ ଉଚ୍ଚ ବିଦ୍ୟାଳୟ ଠାରୁ ଏକ ଶୋଭାଯାତ୍ରା ବାହାରିର ଘୁନସର ଗ୍ରାମ ଦେବୀ କାଳକା ବୁଢ଼ୀଙ୍କ ମନ୍ଦିରକୁ ଯାଇଥିଲା ସେଠାରୁ ମଶାଲ ପ୍ରଜ୍ୱଳନ କରି ସେହି ଶୋଭାଯାତ୍ରା ବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲା। ବିଦ୍ୟାଳୟରେ ପୂର୍ଣ୍ଣକଳସ ମଶାଲକୁ ସ୍ୱାଗତ କରାଯାଇଥିଲା। ପରେ ଅତିଥିମାନଙ୍କ ଦ୍ୱାରା ଗଣେଶଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଧୂପ ଦୀପ ପ୍ରଜ୍ୱଳନ କରି କ୍ରୀଡ଼ା ପତାକା ଉତ୍ତୋଳନ କରାଯାଇ ଏହି ଉତ୍ସବକୁ ଉଦ୍‌ଘାଟନ କରାଯାଇଥିଲା। ଏହାପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଐଶ୍ୱର୍ଯ୍ୟ ଶେଖର ଦେବତାଙ୍କ ଅଧକ୍ଷତାରେ ଏକ ସଭାର ଆୟୋଜନ କରାଗଲା। ଏହି ସଭାରେ ଆମନ୍ତ୍ରିତ ସମସ୍ତ ଅତିଥିଙ୍କୁ ପୁଷ୍ପମାଲ୍ୟ ସହିତ ଉପଢୌକନ ଦେଇ ଶ୍ରୀ ଦେବତା ସମ୍ମାନିତ କରିଥିଲେ। ଅତିଥି ବୃନ୍ଦ ନିଜ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କ ପାଇଁ ପାଠ୍ୟପୁସ୍ତକ ବ୍ୟତୀତ କ୍ରୀଡ଼ା ଆବଶ୍ୟକତା କେତେ ଜରୁରୀ ସେ ବିଷୟରେ କହିଥିଲେ। ଏହା ପରେ କ୍ରୀଡ଼ା ଶିକ୍ଷକ ଡୋଲାମଣି ପଧାନ ଅନ୍ୟ କର୍ମଚାରୀଙ୍କ ସହିତ ମିଶି କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତା ଶେଷରେ ପ୍ରଧାନଶିକ୍ଷକ ଐଶ୍ୱର୍ଯ୍ୟ ଶେଖର ଦେବତା ଙ୍କ ଦ୍ୱାରା କ୍ରୀଡ଼ା ପତାକା ଅବତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉସତ ଗଡ଼ତିଆ, ଗୌର ମାଝୀ, ଝରଣା କର, ରଥ ଗୁରୁ, କାହ୍ନୁ ଚରଣ ସାହୁ, ଦୁର୍ଯ୍ୟୋଧନ ସାହୁ, ଅଲେଖ ସ୍ୱାଇଁ, ରମେଶ ମାଝୀ ଓ କ୍ଷମା ସାଗର ବାଗ ପ୍ରମୁଖ ସହଯୋଗ କରିଥିଲେ। ସଭା ଶେଷରେ କୃଷ୍ଣଧର ପାତ୍ର ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ୟାରମ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାର ପୌରପାଳିକା ୫ନମ୍ବର ୱାର୍ଡ଼ ବ୍ରାହ୍ମଣସାହିସ୍ଥିତ ମହାବୀର କ୍ଲବ୍ ଆନୁକୂଲ୍ୟରେ ତିନିଦିନ ବ୍ୟାପୀ କ୍ୟାରମ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣମେଣ୍ଟରେ ମୋଟ ୮ଟି ଟିମ୍ ଯୋଗଦେଇଥିଲେ। ଫାଇନାଲ ମ୍ୟାଚ୍‌ରେ ବୁଲ୍ସ କ୍ଲବ୍‌କୁ ହରାଇ ରାହାସ ବିହାରୀ ଟିମ୍ ବିଜୟ ହାସଲ କରି ଚାମ୍ପିଅନ୍ ହୋଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପଣ୍ଡିତ ଚନ୍ଦ୍ରକାନ୍ତ ଦାସ ଅତିଥି ଭାବେ ଯୋଗଦେଇ ରାଜକିଶୋର କ୍ଲବ୍‌ର ରାଜ କିଶୋର ପୂଜାରୀ ଓ ଅନ୍ୟ ଖେଳାଳି ମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। କ୍ଲବ୍‌ର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମୟୂରଭଞ୍ଜ ଜିଲ୍ଲାର ଏକମାତ୍ର ହକି କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାର ମୋରଡ଼ା ବ୍ଲକ ସ୍ଥିତ ଏକମାତ୍ର ହକି କେନ୍ଦ୍ର ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, ଚଢ଼େଇଗାଁରେ ଚାଲୁଥିବା ନାଭାଲ ଟାଟା ଗ୍ରାସରୁଟ ହକି କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରେସେନ ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲାର ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଓ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଟାଟା ନାଭାଲର ସଂଯୋଜକ ଶେଖର ବେହେରା ଉପସ୍ଥିତ ରହି ଜିଲ୍ଲାରେ ହକି ପ୍ରତିଭା ମାନଙ୍କର ବିକାଶ କ୍ଷେତ୍ରରେ ହକି କେନ୍ଦ୍ରର ଉଲ୍ଲେଖନୀୟ ଅବଦାନ



ରହିଛି ବୋଲି ପ୍ରକାଶ କରିଥିଲେ ଓ ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ୧୧ ଜଣ ଛାତ୍ର ଓ ଛାତ୍ରୀଙ୍କୁ ନୂତନ ହକି ଷ୍ଟିକ୍ ଓ ବଲ୍ ପ୍ରଦାନ କରାଯାଇ ଥିଲା। ସେମାନେ ହେଲେ ଅଦିତ୍ୟ ରାଜ, ଜଗନ୍ନାଥ ଦାସ, ସବ୍ୟସାଚୀ ନାୟକ, ବାପୁନ ଧଳ, କର୍ମରଞ୍ଜନ ଧଳ, ଅମ୍ବିକା ଧଳ, ସସ୍ମିତା ସୋରେନ, ଲିପ୍ସା ଦଣ୍ଡସେନା, ପ୍ରିୟା ସି ଓ ଅନିତା ହାଁସଦା ଓ ତତସହିତ ଶୃଙ୍ଖଳା, ଭଲ ବ୍ୟବହାର, ନିୟମିତ ଉପସ୍ଥାନ ଓ କ୍ରୀଡ଼ା କୌଶଳ ଆଧାରରେ ୧୦ ଜଣ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଦିନ ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ଶୁଭାଶିଷ ନାୟକ, ଚଢେଇଗାଁ କ୍ଲଷ୍ଟରର ସିଆରସିସି ଶୁଭେନ୍ଦୁ ଶେଖର ସେଠୀ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଶେଷରେ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ତଥା ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

# ଲୋକାୟୁକ୍ତ ନିଯୁକ୍ତି ପ୍ରକ୍ରିୟାରେ ପରିବର୍ତ୍ତନ ଆବଶ୍ୟକ : ଏଜି

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ଲୋକାୟୁକ୍ତ ନ ଥିବା ନେଇ ଯାଜପୁରରୁ ଲଢେଇ ଏବେ ନିର୍ଣ୍ଣାୟକ ମୋଡ୍ ନେବାକୁ ଯାଉଛି। ଏଥିନେଇ ଧର୍ମଶାଳା ପାହାଡ଼ ପର୍ବତ ସୁରକ୍ଷା ମଞ୍ଚ ସଭାପତି ସତୀଶ ବିଶ୍ୱାଳଙ୍କ ତରଫରୁ ଆଗତ ଏକ ଜନସ୍ୱାର୍ଥ ମାମଲାର ବିଚାରକରି ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଏବଂ ଜଷ୍ଟିସ୍ ମୁରହରି ଶ୍ରୀରମନ ଉଦ୍‌ବେଗ ପ୍ରକାଶ କରି କହିଥିଲେ, ଅଧାଦେଶ କର କିମ୍ବା ବିଧି ବ୍ୟବସ୍ଥା ଅନୁସାରେ ଯେମିତି କର, ଲୋକାୟୁକ୍ତ ପରି ଗୁରୁତ୍ୱପୂର୍ଣ୍ଣ ପଦବୀ ଶୀଘ୍ର ପୂରଣ କର। ୬ ସପ୍ତାହ ମଧ୍ୟରେ ଏଥିନେଇ ଜବାବ ରଖ। ଏପରିକି ଶୁଣାଣୀ ସମୟରେ ଲୋକାୟୁକ୍ତ ନିଯୁକ୍ତି ପ୍ରକ୍ରିୟା ବ୍ୟବସ୍ଥାରେ ପରିବର୍ତ୍ତନର ଆବଶ୍ୟକତା ନେଇ ଆଡ୍‌ଭୋକେଟ ଜେନେରାଲଙ୍କ ମତ ଏହି ଜନସ୍ୱାର୍ଥ ମାମଲାର ଗୁରୁତ୍ୱକୁ ବୃଦ୍ଧି କରିଛି। ଲୋକାୟୁକ୍ତ ନିଯୁକ୍ତି ନେଇ ତା୧୩.୦୧.୨୬ ରିଖରେ ହାଇକୋର୍ଟରେ ଏହି ଜନସ୍ୱାର୍ଥ ମାମଲାର ଶୁଣାଣୀ ବେଳେ ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ କହିଥିଲେ ଯେ, ଓଡ଼ିଶା ଲୋକାୟୁକ୍ତ ଆଇନ-୨୦୧୪ରେ କିଛି ସଂଶୋଧନ ଆବଶ୍ୟକ। ଆମେ ଆବଶ୍ୟକ ହେଲେ ଅଧାଦେଶ ଦ୍ୱାରା ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବୁ। ବିଚାରପତି କହିଥିଲେ ଯେ, ତମେ ଯେମିତି କର କିନ୍ତୁ ଶୀଘ୍ର ଲୋକାୟୁକ୍ତ ପରି ଗୁରୁତ୍ୱପୂର୍ଣ୍ଣ ପଦବୀ ପୂରଣ ହେବା ନିହାତି ଆବଶ୍ୟକ। ଅଧାଦେଶ କରିଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ବିଧି ବ୍ୟବସ୍ଥା ଅନୁସାରେ ଏହାକୁ ବିଧାନସଭାରେ ମଞ୍ଜୁର କରାଯାଇ ପାରେ। ଏଥିନେଇ ସରକାରଙ୍କୁ ହାଇକୋର୍ଟ ୬ ସପ୍ତାହର ସମୟ ପ୍ରଦାନ କରିଛନ୍ତି। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଭାରତ ସରକାର ପ୍ରତ୍ୟେକ ରାଜ୍ୟରେ ଲୋକାୟୁକ୍ତ ଗଠନ କରିଥିଲେ। ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତିକୁ ଗ୍ରହଣ କରିଥିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାରମ୍ବାର ପ୍ରକାଶ କରୁଛନ୍ତି। ହେଲେ ଦୁର୍ନୀତି ବିରୋଧରେ ପଦକ୍ଷେପ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ଲୋକାୟୁକ୍ତ ପଦବୀ ଦୀର୍ଘ ୧ ବର୍ଷ ୬ ମାସ ହେଲା ଫାଙ୍କା ପଡ଼ିଛି। ଏଥିପାଇଁ କେବଳ ଯାଜପୁର ପରି ଜିଲ୍ଲାରେ ବିଚାରାଧୀନ ଥିବା ବହୁ ମାମଲା ଅଗ୍ରଗତି ହେଉ ନ ଥିବାରୁ ସରକାରଙ୍କ ଦୈନିକ କୋଟି କୋଟି ଟଙ୍କାର ଲଘୁଖଣିଜ ପଦାର୍ଥ ଲୁଟ୍ ହେଉଛି। କେତେକ ପାହାଡ଼ ଲୁଟ୍ ନେଇ ଲୋକାୟୁକ୍ତଙ୍କ ତରଫରୁ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦିଆ ଯାଇଥିଲେ ମଧ୍ୟ ଲୋକାୟୁକ୍ତ ନ ଥିବାରୁ ତଦନ୍ତ ପ୍ରକ୍ରିୟା ଚୂଡ଼ାନ୍ତ ହୋଇ ପାରୁନାହିଁ। ଅପର ପକ୍ଷରେ ରାଜ୍ୟରେ ବି.ଜେ.ପି ସରକାର କ୍ଷମତାକୁ ଆସିବା ପରେ ପୁନଶ୍ଚ ଏହି ପାହାଡ଼ ଓ ବାଲିଖାଦାନ ଗୁଡ଼ିକରେ ଆଖିବୁଜା ହରିଲୁଟ୍ ଚାଲିଛି। ପୋଲିସ ଏବଂ ପ୍ରଶାସନିକ ସ୍ତରରେ ସଲାସୁତରାରେ ଏହି ଲୁଟ୍ ଚାଲିଛି। ହେଲେ ଏହି ଲୁଟ୍ ଅ’ରାଳରେ ଥିବା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ହୋଇ ପାରୁନାହିଁ। ଏଥିନେଇ ସତୀଶ ବିଶ୍ୱାଳ ଗଣମାଧ୍ୟମକୁ କହିଛନ୍ତି ଯେ, ମୋହନ ସରକାର ବହୁ ମାସ ହେବ କ୍ଷମତାକୁ ଆସିଥିଲେ ମଧ୍ୟ ହାଇକୋର୍ଟଙ୍କ ହସ୍ତକ୍ଷେପ ସତ୍ତ୍ୱେ ଲୋକାୟୁକ୍ତ ନିଯୁକ୍ତି ନେଇ କୌଣସି ପଦକ୍ଷେପ ଗ୍ରହଣ ନ କରିବା ସରକାରଙ୍କ ଦୁର୍ନୀତି ବିରୋଧୀ ଆଭିମୁଖ୍ୟର ଉଜ୍ଜ୍ୱଳ ଦୃଷ୍ଟାନ୍ତ। ଲୋକାୟୁକ୍ତରେ ପ୍ରାୟ ୫୦ ଜଣ ଅଧିକାରୀ ରହିଛନ୍ତି। ସେଥିରେ ଜଣେ ଆଇ.ଏ.ଏସ ଅଧିକାରୀଙ୍କ ସମେତ ୧୭ ଜଣ ପ୍ରଥମ ଶ୍ରେଣୀ ଅଧିକାରୀ ରହିଛନ୍ତି। ଆଇ.ଏ.ଏସ ଅଧିକାରୀ ମାସିକ ପ୍ରାୟ ୨ ଲକ୍ଷ ଏବଂ ପ୍ରଥମ ଶ୍ରେଣୀ ଅଧିକାରୀମାନେ ମାସିକ ଲକ୍ଷାଧିକ ଟଙ୍କା ଦରମା ନେଉଛନ୍ତି। ସେହିପରି ଦ୍ୱିତୀୟ ଶ୍ରେଣୀ ପାହ୍ୟାରେ ୨୪ ଜଣ ଅଧିକାରୀ ୭୯ ହଜାର ଲେଖାଁ ଏବଂ ତୃତୀୟ ଶ୍ରେଣୀ ପାହ୍ୟାରେ ୭ ଜଣ ୫୦ ହଜାର ଲେଖା ଦରମା ନେଉଛନ୍ତି। ଆଉଟ୍ ସୋର୍ସିଂ କର୍ମଚାରୀ ପ୍ରାୟ ୩୫ ଜଣ ରହିଛନ୍ତି। ଲୋକାୟୁକ୍ତଙ୍କ ପାଇଁ ତିନୋଟି କୋଠା, ଅଫିସ ପରିଚାଳନା ଏବଂ ଅନ୍ୟାନ୍ୟ ବାବଦରେ ମୋଟ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟ ହେଉଛି। ଲୋକାୟୁକ୍ତ ନ ଥିବାରୁ ସରକାରଙ୍କ ସମସ୍ତ ଅର୍ଥ ପାଣିରେ ପଡୁଛି। ଏଥିନେଇ ଶେଷଥର ପାଇଁ ଗତ ତା୨୫.୦୫.୨୫ ରିଖରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ତଥ୍ୟ ଭିତ୍ତିକ ଅଭିଯୋଗ ପରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ନମ୍ବର-ଡବ୍ଲୁ.ପି. (ସି) / ୨୩୩୫୧/୨୦୨୫ ରୁଜୁ କରାଯାଇଥିଲା। ଏହାର ଶୁଣାଣୀ କରି ଗତ ସେପ୍ଟେମ୍ବର ୨୦୨୫ରେ ହାଇକୋର୍ଟଙ୍କ ରିପୋର୍ଟ ତଲବ କରିଥିଲେ। ଗତ ୧୩ ତାରିଖ ପରବର୍ତ୍ତୀ ଶୁଣାଣୀ ସୁଦ୍ଧା ହାଇକୋର୍ଟଙ୍କ ହସ୍ତକ୍ଷେପ ସତ୍ତ୍ୱେ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ ବୋଲି ସତୀଶ ମତ ପ୍ରକାଶକରିଛନ୍ତି। ଏହି ମାମଲାକୁ ଓକିଲ ଦେବଦତ୍ତ କାନୁନଗୋ ପରିଚାଳନା କରୁଛନ୍ତି।

# ଜାତୀୟ ପ୍ରତିଯୋଗିତାରେ ଭାଗନେବେ ଗଞ୍ଜାମ ଝିଅ : ସାଉଣ୍ଟୁଛନ୍ତି ଗୋଟିଏ ପରେ ଗୋଟିଏ ସମ୍ମାନ

**ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ୩୫ତମ ଓଡ଼ିଶା ମାଷ୍ଟର୍ସ ଦୌଡରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ତହସିଲ କାର୍ଯ୍ୟାଳୟର ସୁପ୍ରକାଶ ପ୍ରଧାନ କୃତିତ୍ୱ ହାସଲ କରିଛନ୍ତି। ୬ ତାରିଖରେ ଆୟୋଜିତ ଏହି ପ୍ରତିଯୋଗିତାରେ ୩୫ ବର୍ଷରୁ ୮୫ବର୍ଷ ପର୍ଯ୍ୟନ୍ତ କ୍ରୀଡ଼ାବିତ୍‌ମାନେ ବିଭିନ୍ନ ଜିଲାରୁ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ମାଷ୍ଟର ଆଥେଲେଟିକ ଆସୋସିଏସନ (ଓମା) ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାର ୪୦ବର୍ଷରୁ ଊର୍ଦ୍ଧ୍ୱ ‘ଡିସକସ’ ଓ ‘ସଟପୁଟ ଥ୍ରୋ’ରେ ଗଞ୍ଜାମର ସୁପ୍ରକାଶ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏଥିସହିତ ଆସନ୍ତା ୨୮ରୁ ଫେବୃୟାରୀ ୧ତାରିଖ ପର୍ଯ୍ୟନ୍ତ କେରଳର ଥିରୁବନ୍ତମପୁରମ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ୪୬ତମ ଜାତୀୟ ମାଷ୍ଟର୍ସ ଦୌଡ ପ୍ରତିଯୋଗିତାରେ



ଅଂଶଗ୍ରହଣ କରିବାକୁ ସୁପ୍ରକାଶ ପ୍ରଧାନ ଯୋଗ୍ୟ ବିବେଚିତ ହୋଇଥିବା ଜଣାପଡ଼ିଛି। କ୍ରୀଡ଼ାବିତ୍ ସୁପ୍ରକାଶ ଗଞ୍ଜାମ ଜିଲ୍ଲା ଛତ୍ରପୁର ତହସିଲ କାର୍ଯ୍ୟାଳୟରେ କନିଷ୍ଠ ରାଜସ୍ୱ ସହାୟକ ଭାବେ କାର୍ଯ୍ୟରତ ଏହି ଅବସରରେ ତାଙ୍କ ପ୍ରବେସନାରୀ ଆଇଏଏସ ଅଧିକାରିଣୀ ମୃଣାଳିକା ରାଠୋର ଶୁଭେଚ୍ଛା ଜଣାଇଛନ୍ତି।

RNI Regd. No. : 52640/94
Postal Regd. No. :
BN/60/25-27

ଭୁବନେଶ୍ୱର
୧୭ ଜାନୁଆରୀ,
ଶନିବାର, ୨୦୨୬

# ୧୫ ସାଙ୍ଗଠନିକ ଜିଲ୍ଲା ପାଇଁ ବ୍ଲକ ଓ ନଗର ସଭାପତିଙ୍କ ନାମ ଘୋଷଣା କଲା ବିଜେଡି



ଭୁବନେଶ୍ୱର, ୧୬।୧
ନ୍ୟୁଜ୍‌ବ୍ୟୁରୋ

ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଶୁକ୍ରବାର ଦେବୀ ପ୍ରସାଦ ମିଶ୍ର, ବରିଷ୍ଠ ଉପସଭାପତି, ବିଜୁ ଜନତା ଦଳ ୧୫ଟି ସାଙ୍ଗଠନିକ ଜିଲ୍ଲା ଅନ୍ତର୍ଗତ ୧୨୬ ବ୍ଲକ୍ ସଭାପତି ଓ ୪୧ ନଗର ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ଏହି ୧୫ଟି ସାଙ୍ଗଠନିକ ଜିଲ୍ଲା ହେଲା ବୌଦ୍ଧ, ବରଗଡ଼, କଟକ, ଦେଓଗଡ଼, ଗଜପତି, ଜଗତସିଂହପୁର, ଝାରସୁଗୁଡ଼ା, କନ୍ଧମାଳ, କୋରାପୁଟ, ନୟାଗଡ଼, ନୂଆପଡ଼ା, ରାଉରକେଲା, ରାୟଗଡ଼ା, ସୁନ୍ଦରଗଡ଼ ଓ ସୁବର୍ଣ୍ଣପୁର।

ପ୍ରକାଶଯୋଗ୍ୟ କି, ପୂର୍ବରୁ ୯ଟି ସାଙ୍ଗଠନିକ ଜିଲ୍ଲାର ବ୍ଲକ ଓ ନଗର ସଭାପତିଙ୍କ ନାମ ଘୋଷଣା କରାଯାଇଥିଲା। ଶୁକ୍ରବାରର ଘୋଷଣା ସହିତ ମୋଟ ୨୪ଟି ସାଙ୍ଗଠନିକ ଜିଲ୍ଲାର ବ୍ଲକ ଓ ନଗର ସଭାପତିଙ୍କ ନାମ ଘୋଷଣା ସମ୍ପୂର୍ଣ୍ଣ ହୋଇଛି। ଏହି ସାଙ୍ଗଠନିକ ନିଯୁକ୍ତି ପ୍ରକ୍ରିୟା ଦଳର ତୃଣମୂଳ ସ୍ତରର ସଙ୍ଗଠନକୁ ଅଧିକ କ୍ରିୟାଶୀଳ କରିବା ସହ ନବ ନିଯୁକ୍ତ ବ୍ଲକ ଓ ନଗର ସଭାପତିମାନେ ଦଳୀୟ ସଂଗଠନକୁ ଶକ୍ତିଶାଳୀ କରିବା ସହ ବିଜୁ ଜନତା ଦଳର ଦୃଷ୍ଟିକୋଣ ଓ ନୀତିକୁ ସାଧାରଣ ଲୋକଙ୍କ ନିକଟକୁ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ସାଙ୍ଗଠନିକ ଶିଷ୍ଟାଚାର, ତୃଣମୂଳ ସଶକ୍ତିକରଣ ଓ ଓଡ଼ିଶାର ଜନସାଧାରଣଙ୍କ ସେବା ପ୍ରତି ଦୃଢ଼ ପ୍ରତିବଦ୍ଧ।



ପ୍ରୟାଗରାଜର ପବିତ୍ର ତ୍ରିବେଣୀ ସଂଗମ କୂଳରେ ବିଶ୍ୱପ୍ରସିଦ୍ଧ 'ମାଘମେଳା-୨୦୨୬' ଆରମ୍ଭ ଅବସରରେ ସଂଗମ ସ୍ଥଳରେ ବୁଡ଼ ପକାଇବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ।

## ରାଜାରାଣୀ ସଙ୍ଗୀତ ଉତ୍ସବ-୨୦୨୬ ଉଦ୍‌ଘାଟିତ

# ସମୃଦ୍ଧ ସଂସ୍କୃତି ଓ ଇତିହାସର ସୁନ୍ଦର ସେତୁ 'ରାଜାରାଣୀ ସଙ୍ଗୀତ ଉତ୍ସବ'



ଭୁବନେଶ୍ୱର, ୧୬।୧ :ନ୍ୟୁଜ୍‌ବ୍ୟୁରୋ

ରାଜାରାଣୀ ସଙ୍ଗୀତ ମହୋତ୍ସବ କେବଳ ଏକ ସଙ୍ଗୀତ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଆମର ସମୃଦ୍ଧ ସଂସ୍କୃତି, କଳା ଏବଂ ଇତିହାସ ମଧ୍ୟରେ ଏକ ସୁନ୍ଦର ସେତୁ ସଦୃଶ ବୋଲି ଶୁକ୍ରବାର ମନ୍ଦିରମାଳିନୀ ସହର ଭୁବନେଶ୍ୱରର ଐତିହାସିକ 'ରାଜାରାଣୀ ମନ୍ଦିର' ପ୍ରାଙ୍ଗଣରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି, ରାଜାରାଣୀ ମନ୍ଦିରର ନିର୍ମାଣଶୈଳୀକୁ ଲୋକଲୋଚନକୁ ଆଣିବା ତଥା ଏହାର ଐତିହ୍ୟକୁ ପର୍ଯ୍ୟଟକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଏହି ସଙ୍ଗୀତ ଉତ୍ସବର ଆୟୋଜନ ପ୍ରଶଂସନୀୟ। ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଭାରତୀୟ କଳା ଓ ଭାଷାକୁ ଶିକ୍ଷା ବ୍ୟବସ୍ଥାର ମୁଖ୍ୟ ସ୍ରୋତରେ ସାମିଲ କରିବା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶୀ ସଙ୍ଗୀତର ସ୍ୱତନ୍ତ୍ର ପରିଚୟକୁ ଏହା ଆହୁରି ସମୃଦ୍ଧ କରିବ। ଓଡ଼ିଶୀ ସଙ୍ଗୀତର ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏହି ମଞ୍ଚରେ ଓଡ଼ିଶା ସମେତ ଦେଶର ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ପରିବେଷଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଏକ ଭାରତ ଶ୍ରେଷ୍ଠ ଭାରତ' ସଂକଳ୍ପକୁ ଦୃଢ଼ କରୁଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀଙ୍କ ସମେତ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ ବିଭିନ୍ନ ପ୍ରତିଭାବାନ କଣ୍ଠଶିଳ୍ପୀ ଓ କଳାକାରମାନଙ୍କୁ ସମ୍ମାନିତ କରିଥିଲେ।

## କିଟ୍‌ରେ ନବମ ତ୍ରିଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀ ଓ ବହୁଭାଷୀ କାବ୍ୟ ପାଠ ଉତ୍ସବ ଉଦ୍‌ଘାଟିତ

# ବିଶ୍ୱରେ ଶାନ୍ତି ବଜାୟ ରଖିବା ଅପରିହାର୍ଯ୍ୟ : ଅଚ୍ୟୁତ ସାମନ୍ତ

ଭୁବନେଶ୍ୱର, ୧୬।୧
ନ୍ୟୁଜ୍‌ବ୍ୟୁରୋ



ବିଶ୍ୱମୁକ୍ତି, କିଟ୍ ଓ କିସ୍‌ର ମିଳିତ ଅନୁକୂଲ୍ୟରେ କିଟ୍‌ରେ ନବମ ତ୍ରି ଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀ ଓ ବହୁଭାଷୀ କାବ୍ୟ ପାଠ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବର ବିଷୟବସ୍ତୁ ରହିଛି ବିଶ୍ୱ ଶାନ୍ତି ଏବଂ ସଦ୍‌ଭାବନା ୨୦୨୫-୨୬: ସ୍ଥାୟୀ ସହାବସ୍ଥାନ ଏବଂ ପଥ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ବିଷୟବସ୍ତୁ ଉପରେ କହିଲେ ବିଶ୍ୱରେ ଭୟର ବାତାବରଣ ସୃଷ୍ଟି ହେଉଥିବା ବେଳେ ଶାନ୍ତି ଅପରିହାର୍ଯ୍ୟ ହୋଇପଡ଼ିଛି। ଶାନ୍ତି ବଜାୟ ରଖିବା ଦିଗରେ ସବୁ ନାଗରିକ ସଚେତନ ହେବା ସହ ଏ ଦିଗରେ ସମସ୍ତଙ୍କର ଯୋଗଦାନ ରହିବା ଉଚିତ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ନର୍ଥ ଇଷ୍ଟ ପାୱାର କର୍ପୋରେସନ୍ (ନିପକୋ) ଅର୍ଥ ନିର୍ଦ୍ଦେଶକ ବୈଦ୍ୟନାଥ ମହାରଣା କହିଲେ, ଓଡ଼ିଶାଠାରୁ ପ୍ରିୟ ଭୂମି ଅନ୍ୟ କେଉଁଠି ନାହିଁ। ନିପକୋ ମଧ୍ୟ ହିନ୍ଦୀ ଭାଷା ପାଇଁ ଅନେକ କାମ କରୁଛି। ଶାନ୍ତି ଓ ସଦ୍‌ଭାବନା ବର୍ତ୍ତମାନ ସବୁଠାରୁ ବଡ଼ ଆହ୍ୱାନ। ଦୁଇ ଦୁଇଟି ବିଶ୍ୱଯୁଦ୍ଧ ହୋଇଥିଲେ ମଧ୍ୟ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହୋଇପାରିନାହିଁ। ଭାରତରେ ଭିନ୍ନ ଭାଷା ଓ ପରମ୍ପରା ରହିଥିଲେ ମଧ୍ୟ ଏଠାରେ ଏଭଳି କିଛି ଶକ୍ତି ଅଛି ଯାହା ଆମକୁ ଏକତାର ସୂତ୍ରରେ ବାନ୍ଧି ରଖିଛି। ପରସ୍ପର ମଧ୍ୟରେ ଭରସା ଓ ବିଶ୍ୱାସ ରହିଲେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଏମ୍‌ଏସ୍‌ଆଇଆର-ଆଇଏମ୍‌ଏମ୍‌ଟି ଭୁବନେଶ୍ୱରର ନିର୍ଦ୍ଦେଶକ ରାମାନୁଜ ନାରାୟଣ ଯୋଗଦେଇ କହିଲେ, ସ୍ଥାୟୀ ବିକାଶ ଦିଗରେ କିଟ୍ ଓ କିସ୍‌ର ପ୍ରୟାସ ବେଶ୍ ପ୍ରଶଂସନୀୟ। ଆମମାନଙ୍କ ଭାବନା ସର୍ବଦା ସକରାତ୍ମକ ହେବା ଉଚିତ। ସକରାତ୍ମକ ଭାବନା ପାଇଁ ଭାରତ ଇତିହାସ ସୃଷ୍ଟି କରିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱମୁକ୍ତି ସମ୍ପାଦକ ପ୍ରଫେସର ଶଶାଙ୍କ ଚୂଡ଼ାମଣୀ ସ୍ୱାଗତ ଭାଷଣ ପ୍ରଦାନ କରି ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପୂର୍ବତନ ସାଂସଦ ତଥା କବି ପ୍ରସନ୍ନ ପାଟ୍ଟଶାଣୀ ହିନ୍ଦୀ ଭାଷାର ବ୍ୟାପକ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଲେ ସବୁସ୍ତରରେ ହିନ୍ଦୀ ଭାଷାକୁ ଗୁରୁତ୍ୱ ଦିଆଯିବା ଉଚିତ।

# ଦ୍ୱିତୀୟ ପତ୍ନୀଙ୍କୁ ମିଳିପାରିବ ନାହିଁ ଫ୍ୟାମିଲି ପେନ୍‌ସନ୍ : ଆବେଦନ ଖାରଜ

କଟକ, ୧୬।୧
ନ୍ୟୁଜ୍‌ବ୍ୟୁରୋ



ଜଣେ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କର ଦ୍ୱିତୀୟ ପତ୍ନୀ ପରିବାର ପେନ୍‌ସନ୍ ବା 'ଫ୍ୟାମିଲି ପେନ୍‌ସନ୍' ପାଇବା ପାଇଁ ହକଦାର ନୁହନ୍ତି ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। ପ୍ରଥମ ପତ୍ନୀ ଜୀବିତ ଥିବା ସମୟରେ ଜଣେ ବ୍ୟକ୍ତି ଦ୍ୱିତୀୟ ବିବାହ କରନ୍ତି, ତେବେ ସେହି ବିବାହ ଆଇନତଃ ଅସିଦ୍ଧ। ଏପରି କ୍ଷେତ୍ରରେ ଦ୍ୱିତୀୟ ପତ୍ନୀ ପେନ୍‌ସନ୍ ଦାବି କରିପାରିବେ ନାହିଁ ବୋଲି ହାଇକୋର୍ଟର ବିଚାରପତି ଜଷ୍ଟିସ ଡି.କେ. ଶ୍ରୀପଦ ଏବଂ ବିଚାରପତି ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କ ରାୟରେ କହିଛନ୍ତି। ମାମଲାରୁ ମିଳିଥିବା ସୂଚନା ଅନୁସାରେ, ନିରଞ୍ଜନ ଦ୍ୱିବେଦୀଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀ କନକଲତା ଦ୍ୱିବେଦୀ ଫ୍ୟାମିଲି ପେନ୍‌ସନ୍ ପାଇଁ ଆବେଦନ କରିଥିଲେ। ତେବେ ତଦନ୍ତରୁ ଜଣାପଡ଼ିଥିଲା ଯେ, ନିରଞ୍ଜନ ତାଙ୍କର ପ୍ରଥମ ପତ୍ନୀ ଇନ୍ଦୁମତୀ ଦ୍ୱିବେଦୀ ଜୀବିତ ଥିବା ସମୟରେ ହିଁ କନକଲତାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଏହି ଆଧାରରେ କଣ୍ଟ୍ରୋଲର ଅଫ୍ ଆକାଉଣ୍ଟ୍‌ସ କନକଲତାଙ୍କ ପେନ୍‌ସନ୍ ଦାବିକୁ ଖାରଜ କରିଦେଇଥିଲେ। ଏହି ନିଷ୍ପତ୍ତିକୁ ଚାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନ କାରିଣୀଙ୍କ ଯୁକ୍ତି ଥିଲା ଯେ, ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ ତାଙ୍କ ବିବାହ ବୈଧ ହେବା କଥା। କିନ୍ତୁ ହାଇକୋର୍ଟ ଏହି ଯୁକ୍ତିକୁ ଅଗ୍ରାହ୍ୟ କରି ଦେଇଛନ୍ତି। ହାଇକୋର୍ଟ ତାଙ୍କ ରାୟରେ କହିଛନ୍ତି ଯେ, ହିନ୍ଦୁ ବିବାହ ଆଇନ-୧୯୫୫ ଅନୁସାରେ ଜଣେ ବ୍ୟକ୍ତି ପ୍ରଥମ ପତ୍ନୀଙ୍କ ସହ ସମ୍ପର୍କ ଥାଇ ଦ୍ୱିତୀୟ ବିବାହ କରିବା ଏକ ଅପରାଧ। ଏପରି ବିବାହ ଆରମ୍ଭରୁ ହିଁ ଅସିଦ୍ଧ। ଯାହା ଆରମ୍ଭରୁ ବେଆଇନ ତାହା ପରେ ଆଇନଗତ ବା ବୈଧ ବୋଲି ଗ୍ରହଣ କରାଯାଇ ପାରିବନାହିଁ। ଓଡ଼ିଶା ସିଭିଲ ସର୍ଭିସେସ୍ (ପେନସନ) ନିୟମାବଳୀ-୧୯୯୨ ଅନୁସାରେ, ପେନସନ ପାଇଁ ଜଣେ 'ବୈଧ ପତ୍ନୀ' ହେବା ଅପରିହାର୍ଯ୍ୟ। ହିନ୍ଦୁ ବିବାହ ଆଇନ-୧୯୫୫ ଅନୁସାରେ 'ଏକପତ୍ନୀ ବ୍ରତ' ଏକ କଠୋର ନିୟମ ଏବଂ ସନ୍ତାନ ନ ହେବା ଦ୍ୱିତୀୟ ବିବାହ କୌଣସି ଆଇନଗତ କାରଣ ହୋଇପାରିବ ନାହିଁ। ଯେଉଁ ବିବାହ ଆରମ୍ଭରୁ ହିଁ ଅସିଦ୍ଧ ତାହା ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ ମଧ୍ୟ ବୈଧ ହୋଇପାରିବ ନାହିଁ। ଦ୍ୱିତୀୟ ପତ୍ନୀଙ୍କୁ ପେନ୍‌ସନ୍ ଦେବା ପାଇଁ ଅନୁମତି ଦେବା ଅର୍ଥ ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦେବା ସହ ସମାନ। ଫ୍ୟାମିଲି ପେନ୍‌ସନ୍ କେବଳ ଆଇନତଃ 'ବୈଧ ପତ୍ନୀ'ଙ୍କୁ ମିଳିଥାଏ ବୋଲି ହାଇକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି।

# ୧୪୦ ଗ୍ରାମ୍ ବ୍ରାଉନସୁଗାର ଜବତ : ଯୁବକ ଗିରଫ

କଟକ, ୧୬।୧
ନ୍ୟୁଜ୍‌ବ୍ୟୁରୋ



ଅବକାରୀ ବିଭାଗକୁ ବଡ଼ ସଫଳତା। କଟକ ଜଗତପୁର ଆଇ.ବି ରୋଡ଼ ନିକଟରୁ ୧୪ ଲକ୍ଷ ୭୦ ହଜାର ଟଙ୍କାର ବ୍ରାଉନସୁଗାର ଜବତ କରିଛି। ବିକ୍ରି କରିବାକୁ ଆସିଥିବା ବେଳେ ଯୁବକଙ୍କୁ ମାଡ଼ି ବସିଲା କଟକ ଅବକାରୀ ବିଭାଗ। ବ୍ରାଉନସୁଗାର ବେପାରୀ ଗିରଫ ହୋଇଛି। ଗୋଟିଏ ହୋଣ୍ଡା ଆକ୍ଟିଭା ସ୍କୁଟି ଓ ୧୪୦ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ସୂଚନାନୁଯାୟୀ, କଟକ ବକ୍ସିବଜାର ଅଞ୍ଚଳର ସାହିଲ୍ ମନ୍ଦ୍ରଜି ପଶ୍ଚିମବଙ୍ଗରୁ ବ୍ରାଉନସୁଗାର ଆଣି ଜଗତପୁରର ଆଇ.ବି ରୋଡ଼ ଅଞ୍ଚଳରେ ବିକ୍ରି କରିବାକୁ ଆସିଥିଲେ। ଏନେଇ ଖବର ପାଇବା ପରେ କଟକ ଅବକାରୀ ବିଭାଗ ଫିଲ୍ମ ଷ୍ଟାଇଲରେ ତାକୁ ମାଡ଼ି ବସିଥିଲେ। ସମ୍ପୃକ୍ତ ଯୁବକ ଠାରୁ ୧୪୦ ଗ୍ରାମ୍ ବ୍ରାଉନସୁଗାର ସହ ଗୋଟିଏ ହୋଣ୍ଡା ଆକ୍ଟିଭା ସ୍କୁଟି ଜବତ ହୋଇଛି। ଏନେଇ କଟକ ଅବକାରୀ ପୁଲିସ ତଦନ୍ତ ଜାରି ରଖିଛି। ତେବେ ପଶ୍ଚିମବଙ୍ଗରୁ କେମିତି ଓଡ଼ିଶା ସୀମା ଭିତରକୁ ଏତେ ମାତ୍ରାରେ ବ୍ରାଉନସୁଗାର ଆସୁଛି ତାହା ଏବେ ଅବକାରୀ ବିଭାଗ ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଛି।

# ଶିମିଳିପାଳରେ ହାତୀର ମୃତ୍ୟୁ

ବାରିପଦା, ୧୬।୧
ନ୍ୟୁଜ୍‌ବ୍ୟୁରୋ



ଶିମିଳିପାଳ ଅଭୟାରଣ୍ୟରେ ହାତୀର ମୃତ୍ୟୁ ଘଟିଛି। ମାଈ ହାତୀର ମୃତ ଦେହ ଠାବ ହୋଇଥିବା ବେଳେ ସମଗ୍ର ଅଞ୍ଚଳ ସ୍ତବ୍ଧ ହୋଇଛି। ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ କୋର ଅଞ୍ଚଳରେ ହାତୀର ମୃତ୍ୟୁ ହୋଇଛି। ବନ ବିଭାଗ କର୍ମଚାରୀମାନେ ପାଟ୍ରୋଲିଂ ବେଳେ ହାତୀ ମୃତଦେହ ଠାବ କରିଥିଲେ। ହାତୀର ବୟସ ପ୍ରାୟତଃ ୬୦ ବର୍ଷ ହେବ। ବୃଦ୍ଧା ବୟସରେ ହାତୀର ମୃତ୍ୟୁ ହୋଇଛି। ପ୍ରାଣୀ ଚିକିତ୍ସକ ଟିମ୍ ହାତୀର ଶବ ବ୍ୟବଚ୍ଛେଦ କରିଛନ୍ତି। ମୃତଦେହରୁ ନମୁନା ସଂଗ୍ରହ କରି ଭୁବନେଶ୍ୱର ସ୍ଥିତ ଓୟୁଏଟିକୁ ପରୀକ୍ଷା ନିମନ୍ତେ ପଠାଯିବ। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଶବ ବ୍ୟବଚ୍ଛେଦ ପରେ ଉକ୍ତ ଜଙ୍ଗଲରେ ହାତୀର ମୃତଦେହ ପୋତି ଦିଆଯାଇଥିବା ନେଇ ଆଞ୍ଚଳିକ ବନ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି।

# ସଂସ୍କୃତି ସୁରକ୍ଷା ପାଇଁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଲେ ନଗର ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର, ୧୬।୧
ନ୍ୟୁଜ୍‌ବ୍ୟୁରୋ

ଶୁଳିଆପଦା ବ୍ଲକ ଅନ୍ତର୍ଗତ ବଡ଼ସୋଳ ଗ୍ରାମ କମିଟି ଆନୁକୂଲ୍ୟରେ ଅଷ୍ଟମ 'ଟୁସୁ ମହୋତ୍ସବ-୨୦୨୬' ବେଶ୍ ଉତ୍ସାହ ଓ ସାଂସ୍କୃତିକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ଅଞ୍ଚଳର ସମୃଦ୍ଧ ଲୋକକଳା, ପରମ୍ପରା ଓ ଗୋଷ୍ଠୀଗତ ଏକତାକୁ ପ୍ରଦର୍ଶିତ କରୁଥିବା ଏହି କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ସଭାକୁ ସମ୍ବୋଧିତ କରି ମନ୍ତ୍ରୀ ଡକ୍ଟର ମହାପାତ୍ର କହିଥିଲେ ଯେ, ଟୁସୁ ଗାନ ଭଳି ଲୋକ ସଂସ୍କୃତି କାର୍ଯ୍ୟକ୍ରମ ପାରମ୍ପରିକ କଳା, ସାହିତ୍ୟ, ସଂସ୍କୃତି, ରୀତିନୀତି ଏବଂ ମୂଲ୍ୟବୋଧକୁ ସୁରକ୍ଷିତ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହିପରି ଆୟୋଜନ ସମାଜରେ ଭ୍ରାତୃଭାବ ଓ ସଦ୍‌ଭାବନା ସୃଷ୍ଟି କରିବା ସହିତ



ସ୍ଥାନୀୟ ଲୋକ ପରମ୍ପରାର ଅନନ୍ୟ ଅଭିବ୍ୟକ୍ତିକୁ ପ୍ରତିଫଳିତ କରିଥାଏ।

ଏହି ମହୋତ୍ସବରେ ଯୁବବର୍ଗଙ୍କ ଅଂଶଗ୍ରହଣ ଏବଂ ମହିଳା ସଶକ୍ତିକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଟୁସୁ ଗୀତ ମାଧ୍ୟମରେ ମହିଳାମାନେ ସେମାନଙ୍କର ସାମାଜିକ ସ୍ଥିତି, ଆଶା-ଆକାଂକ୍ଷା ଏବଂ ସାଂସ୍କୃତିକ ପରିଚୟକୁ ପ୍ରକାଶ କରିବା ପାଇଁ ଏକ ଦୃଢ଼ ମଞ୍ଚ ପାଇଥାନ୍ତି। ଏଭଳି କାର୍ଯ୍ୟକ୍ରମ ଯୁବପିଢ଼ିଙ୍କ ମଧ୍ୟରେ ସାଂସ୍କୃତିକ ଓ ସାମାଜିକ ସଚେତନତା ଜାଗ୍ରତ କରିବାରେ ସହାୟକ ହେବ ବୋଲି ଆଲୋଚନା ହୋଇଥିଲା।

# କୃଷି ଯନ୍ତ୍ରପାତି ମେଳା କୃଷକଙ୍କୁ ସ୍ୱାବଲମ୍ବୀ କରିବ : କେଭି

ଭୁବନେଶ୍ୱର, ୧୬।୧ :ନ୍ୟୁଜ୍‌ବ୍ୟୁରୋ

ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଶୁକ୍ରବାର ଦିନ ପାଟଣାଗଡ଼ ଠାରେ ଆୟୋଜିତ ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଏହିଭଳି ମେଳା ଆମ ଅଞ୍ଚଳର କୃଷକମାନଙ୍କୁ ସ୍ୱାବଲମ୍ବୀ କରିବା ସହ କୃଷି କ୍ଷେତ୍ରରେ ନୂତନ ବିପ୍ଳବ ଆଣିବାରେ ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ କହିଛନ୍ତି। ଏକ୍ସରେ ଶ୍ରୀ ସିଂହଦେଓ ଲେଖିଛନ୍ତି ପାଟଣାଗଡ଼ ଠାରେ ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ରେ ଯୋଗ ଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲି। ଆଧୁନିକ ପ୍ରଣାଳୀରେ ଚାଷ କରିବା ପାଇଁ ଏହି ମେଳାଟି ଚାଷୀମାନଙ୍କ ନିମନ୍ତେ ଏକ ଦିଗଦର୍ଶକ ସଦୃଶ ହୋଇଛି।



ସମ୍ପାଦକୀୟ ପୃଷ୍ଠା-୪
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
ଆବଶ୍ୟକତା ମେଣ୍ଟାଇ ପାରୁନି ବିଭାଗ : ମାଛ ପାଇଁ ଆନ୍ଧ୍ର ଭରସା
ଭାରତର ସାମୁଦ୍ରିକ ସୁରକ୍ଷା ମଜବୁତ ହେବ

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


## ଭୁବନେଶ୍ୱର ହେବ ଜଳାତଙ୍କ ରୋଗ ମୁକ୍ତ ସହର

# ବୁଲା କୁକୁରଙ୍କୁ ରାବିସ୍ ଟିକା ଦେବାକୁ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷର କଲା ବିଏମ୍‌ସି

ଭୁବନେଶ୍ୱର, ୧୬।୧
ନ୍ୟୁଜ୍‌ବ୍ୟୁରୋ



ଭୁବନେଶ୍ୱର ହେବ ଜଳାତଙ୍କ ରୋଗ ମୁକ୍ତ ସହର। ସହରରେ ଥିବା ପ୍ରାୟ ୪୭ ହଜାର ବୁଲା କୁକୁରଙ୍କ ମଧ୍ୟରୁ ଅଧିକାଂଶଙ୍କୁ ରାବିସ୍ ଟିକା ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ଯଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ଦୃଢ ହୋଇପାରିବ। ଏନେଇ ଶୁକ୍ରବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ମିଶନ ରାବିସ୍-ୱାର୍ଲ୍ଡ ୱାଇଡ୍ ଭେଟେନାରୀ ସର୍ଭିସ୍ ଏବଂ କଲେଜ ଅଫ ଭେଟେନାରୀ ସାଇନ୍ସ ଆଣ୍ଡ ଆନିମଲ ହଜ୍‌ବ୍ୟାଣ୍ଡରୀ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଯାଇଛି। ସହରକୁ ଜଳାତଙ୍କ ରୋଗ ମୁକ୍ତ କରିବା ପାଇଁ ବିଏମ୍‌ସି ସହ ଚୁକ୍ତି ସ୍ୱାକ୍ଷରିତ କରିଥିବା ଏହି ଦୁଇଟି ସଂସ୍ଥା ରାବିସ୍ ଟିକା ଦେବା, ଯୋଜନା ପ୍ରଣୟନ, କାର୍ଯ୍ୟକାରୀ, ବୈଷୟିକ ପରାମର୍ଶ ସହାୟତା, ବୈଜ୍ଞାନିକ ସହାୟତା, ଦକ୍ଷତା ବିକାଶ ଆଦି କାର୍ଯ୍ୟ କରିବେ। ଦାୟିତ୍ୱ ସଂପନ୍ନ ଭାବେ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ଏବଂ ବିଜ୍ଞାନ ସମ୍ମତ ଭାବେ ବୁଲା କୁକୁରଙ୍କୁ ଜଳାତଙ୍କ ପ୍ରତିଷେଧକ ଟିକା ଦାନ, ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଆଦି କାର୍ଯ୍ୟ କରିବେ।

ଭୁବନେଶ୍ୱରକୁ ଜଳାତଙ୍କ ରୋଗ ମୁକ୍ତ କରିବା ପାଇଁ ତଥ୍ୟ ଭିତ୍ତିକ ଏବଂ ଯୋଜନାବଦ୍ଧ ଭାବେ ବୁଲା କୁକୁରଙ୍କର ଗଣ ଟିକାଦାନ ଯୋଜନା ଓ ତଦାରଖ କରାଯିବ। ତାଲିମ, ପରିଚାଳନା ମାନକ ଏବଂ କ୍ଷେତ୍ର ପର୍ଯ୍ୟବେକ୍ଷଣ ଜରିଆରେ ବିଏମ୍‌ସିର ଦକ୍ଷତା ବୃଦ୍ଧି କରିବେ। ଜଳାତଙ୍କ ପ୍ରତିଷେଧକ ସଂପର୍କରେ ଶିକ୍ଷା, ଯୋଗାଯୋଗ ଓ ଜନ ସଚେତନତା ସୃଷ୍ଟି କରିବେ। ତଥ୍ୟ ଭିତ୍ତିକ ଉଭୟ ପ୍ରାଣୀ ଓ ଜନସ୍ୱାସ୍ଥ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବେ ବୋଲି ଏହି ଚୁକ୍ତିରେ କୁହାଯାଇଛି। ମିଶନ ରାବିସ୍ (ଇଣ୍ଡିଆ), ସର୍ଭେଲାନ୍ସ, ତାଲିମ, ମୋବାଇଲ୍ ଆପ୍ ଡେଭଲପମେଣ୍ଟ, ଲଜିଷ୍ଟିକ୍ ଆଦି କାର୍ଯ୍ୟ ପାଇଁ ସମସ୍ତ ପ୍ରକାର ବୈଷୟିକ ସହାୟତା ଯୋଗାଇଦେବ। ସେହିପରି ଓୟୁଏଟି ଭେଟେନାରୀ ଛାତ୍ରଛାତ୍ରୀ ଇଣ୍ଟର୍ଣ୍ଣ ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଏହି ଚୁକ୍ତିନାମା କୌଣସି ବ୍ୟବସାୟିକ ଲକ୍ଷ୍ୟ ହାସଲ କରିବାକୁ ନୁହେଁ କିମ୍ବା କୌଣସି ଅର୍ଥ ଦେଣନେଣ ହେବ ନାହିଁ। ଏହାର ମୂଳ ଲକ୍ଷ୍ୟ ହେଉଛି ବିଏମ୍‌ସି ଅଞ୍ଚଳକୁ ଜଳାତଙ୍କ ରୋଗ ମୁକ୍ତ କରିବା। ବିଏମ୍‌ସି ପକ୍ଷରୁ କମିଶନର ଚଞ୍ଚଳ ରାଣା, ମିଶନ ରାବିସ୍ ପକ୍ଷରୁ ଡକ୍ଟର ମିହିର ମଜଗାଓଁକର ଏବଂ କଲେଜ ଭେଟେନାରୀ ସାଇନ୍ସ ଆଣ୍ଡ ଆନିମଲ ହଜବ୍ୟାଣ୍ଡରୀ ଓୟୁଏଟି ପକ୍ଷରୁ ଡିନ ଡକ୍ଟର ସୁଶେନ ପଣ୍ଡା ଏହି ଚୁକ୍ତିପତ୍ରରେ ସ୍ୱାକ୍ଷରିତ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ବିଏମ୍‌ସିର ବରିଷ୍ଠ ଅଧିକାରୀ ଓ ସଂପୃକ୍ତ ସଂସ୍ଥାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ସୁନ୍ଦରଗଡ଼ରୁ ହଟିଲା ୧୬୩ ଧାରା

ସୁନ୍ଦରଗଡ଼, ୧୬।୧
ନ୍ୟୁଜ୍‌ବ୍ୟୁରୋ

ସୁନ୍ଦରଗଡ଼ ସହରରୁ ହଟିଲା ବିଏନ୍‌ଏସ୍ ୧୬୩ ଧାରା। ଶାନ୍ତି କମିଟି ବୈଠକ ପରେ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଏପରିକି ସହରରେ ଇଣ୍ଟରନେଟ ସେବା ସ୍ୱାଭାବିକ କରିବା ସହ ଶାନ୍ତି ଶୋଭାଯାତ୍ରା କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଯୋଗ୍ୟ, ସୁନ୍ଦରଗଡ଼ ଟାଉନ ଥାନା ଅଧୀନ ରିଜେଣ୍ଟ ମାର୍କେଟରେ ଗୋମାଂସ ବିକ୍ରିକୁ କେନ୍ଦ୍ର କରି କିଛି ଲୋକ ବିରୋଧ କରିଥିଲେ। ଏହାକୁ ନେଇ ୨ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ସଂଘର୍ଷରେ ୪ ପୋଲିସ କର୍ମଚାରୀଙ୍କ ସମେତ ୧୨ ଜଣ ଆହତ ହୋଇଥିଲେ। ଏପରିକି ସ୍ଥିତି ଗମ୍ଭୀର ହେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁନ୍ଦରଗଡ଼ ସହରରେ ବିଏନ୍‌ଏସ୍ ୧୬୩ ଧାରା ଲାଗୁ କରା ଯାଇଥିଲା। କୌଣସି ପ୍ରକାର ଉତ୍ତେଜନାମୂଳକ ସନ୍ଦେଶ ପ୍ରଚାର ନ କରାଯିବା ଉଦ୍ଦେଶ୍ୟରେ ସନ୍ଧ୍ୟା ୬ଟାରୁ ୨୪ଘଣ୍ଟା ପାଇଁ ଇଣ୍ଟରନେଟ ସେବା ବନ୍ଦ ରଖାଯାଇଥିଲା।